ଏହି ଘନୀଭୂତ ଓ ଜଡୀଭୂତ ଜଡ-ଚେତନା ଭିତରୁ ଧୀରେ ଧୀରେ ଆତ୍ମାକୁ ପ୍ରକାଶ କରି ଚାଲିବା ଏବଂ ଏହି ଆପାତତଃ ପ୍ରାଣିକ ସତ୍ତା ଭିତରୁ ଈଶ୍ୱରଙ୍କର ଆତ୍ମପ୍ରକାଶକୁ ଘଟାଇ ଚାଲିବା ହେଲା କ୍ରମବିକାଶର ଉଦ୍ଦେଶ୍ୟ- ଏକମାତ୍ର ଉଦ୍ଦେଶ୍ୟ। -ଶ୍ରୀଅରବିନ୍ଦ



# ବିଶ୍ୱାସ ଓ ସହଯୋଗର ସଙ୍କଟ



ବିଲ୍ ଏମ୍ମୋଟ

ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ କପ୍୨୬ର ଅନିର୍ଣ୍ଣାୟକ ପରିଣାମରେ ଅନେକ ଦେଶ ହତୋତ୍ସାହିତ ହୋଇଯାଇଛନ୍ତି। ହେଲେ ସେମାନେ ନିକଟରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ ଏବଂ ଚାଇନା ପ୍ରତିପକ୍ଷ ଶି ଜିନ୍‌ପିଙ୍ଗଙ୍କ ମଧ୍ୟରେ ଅନୁଷ୍ଠିତ ଭର୍ଚୁଆଲ ସମ୍ମିଳନୀ ନିଷ୍କର୍ଷ ପ୍ରତି ଗୁରୁତ୍ୱ ଦେବା ଉଚିତ କିମ୍ବା କୋଭିଡ୍-୧୯ ଟିକାର ନିଷ୍ପକ୍ଷ ବଣ୍ଟନ ବ୍ୟବସ୍ଥାରେ ସାମିଲ ହୋଇ ସକ୍ରିୟତା ପ୍ରକାଶ କରିବା ଆବଶ୍ୟକ। ଏହା ନିଶ୍ଚିତ ଯେ, ସାମ୍ପ୍ରତିକ ପରିସ୍ଥିତିରେ ବୈଶ୍ୱିକ ଶାସନ ବ୍ୟବସ୍ଥାରେ ବହୁ ସମସ୍ୟା ଓ ନୈରାଶ୍ୟତା ଦେଖା ଦେଇଛି। ଏକ ନୂଆ ରିପୋର୍ଟ 'ଆୱାରା ଗ୍ଲୋବାଲ କଣ୍ଡିଶନ' ଅନୁଯାୟୀ, ଗ୍ଲୋବାଲ କମିଶନ ଫର୍ ପୋଷ୍ଟ-ପାଣ୍ଡେମିକ୍ ପଲିସି ଉପରେ ମୁଁ ଓ ମୋର ସାଥୀମାନେ ଏହି ସବୁ ସମସ୍ୟା ୪ଟି ସଂକଟ ଯୋଗୁ ହୋଇଛି ବୋଲି ଜାଣିପାରିଛୁ। ଏହି ୪ଟି ସଂକଟର ପଞ୍ଝାରେ ଆମେ ପଡ଼ିଯାଇଛୁ। ଆଗକୁ ଏଥିରୁ ମୁକୁଳିବାକୁ ପଡ଼ିବ। ବିଶ୍ୱର ସାର୍ବଜନୀନ ସ୍ୱାସ୍ଥ୍ୟ, ଜଳବାୟୁ ପରିବର୍ତ୍ତନ, ଜନସାଧାରଣଙ୍କ ବିଶ୍ୱାସ ହ୍ରାସ ଏବଂ ଗଣତାନ୍ତ୍ରିକ ବୈଧାନତା ଓ ଭୂ-ରାଜନୈତିକ ଅସ୍ଥିରତା ମଧ୍ୟରେ ଥିବା ସମ୍ପର୍କକୁ ଚିହ୍ନଟ କରିବା ସହ ଏଥିରେ ଜଡ଼ିତ ଜଟିଳ ସମସ୍ୟାଗୁଡ଼ିକୁ ମିଳିତ ଭାବେ ଆମକୁ ସମାଧାନ କରିବାକୁ ହେବ। ଏଗୁଡ଼ିକୁ ଯଦି ଆମେ ଭିନ୍ନ ଭିନ୍ନ ସମସ୍ୟା ଭାବେ ଦେଖିବା, ତେବେ କୌଣସି ଲକ୍ଷ୍ୟରେ ପହଞ୍ଚିପାରିବା ନାହିଁ।

ପରିବେଶଗତ ଚାପ ବଢିବା ଦ୍ୱାରା ପ୍ରାଣୀଙ୍କଠାରୁ ମଣିଷଙ୍କୁ ସଂକ୍ରାମକ ରୋଗ ବ୍ୟାପୀ ମହାମାରୀ ରୂପ ନେବାର ସମ୍ଭାବନା ଅଧିକ। ମହାମାରୀ ହେଲେ ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ ଚାପ ବଢିଯାଏ। ଏହା ଯୋଗୁ ସମାଜକୁ ଅଣଦେଖା କଲାଭଳି ମନୋଭାବ ଏବଂ ବ୍ୟବହାର ପ୍ରକାଶ ପାଏ, ଯଦ୍ଦ୍ୱାରା ମହାମାରୀ ନିୟନ୍ତ୍ରଣରେ ବାଧା ଉପୁଜେ। କାର୍ବନ ନିର୍ଗମନ ହ୍ରାସରେ ଦୃଢ ପଦକ୍ଷେପ ନେବା ଲାଗି ଜନସାଧାରଣଙ୍କ ସମର୍ଥନ କିମ୍ବା ଭାଗୀଦାରି ପାଇବା ସରକାରଙ୍କ ପାଇଁ କଷ୍ଟକର ହୋଇଯାଏ। ଏଭଳି ସ୍ଥିତି ଏବେ ପ୍ରକାଶ ପାଇଛି। ୨୦୦୮ର ଅର୍ଥନୈତିକ ସଂକଟ ଏବଂ ସୋସିଆଲ ମିଡିଆର ଦ୍ୱାହି ଦେଇ ଯେଉଁ ଦେଶ କିମ୍ବା ରାଜନୈତିକ ବ୍ୟବସ୍ଥାଗୁଡ଼ିକ ବିଭିନ୍ନ ସଂସ୍ଥା ଓ ବିଶେଷଜ୍ଞକୈନ୍ଦ୍ରିକ ଅଧିକାରକୁ ଅଣଦେଖା କରିଛନ୍ତି, ସେଠାରେ ସେମାନେ ନୂଆ ସଂକଟର ମୁକାବିଲା କରୁଛନ୍ତି। ସେମାନଙ୍କୁ ଏହି ସଂକଟର ସମାଧାନ କରିବା ଲାଗି ଅଧିକ ପଦକ୍ଷେପ ନେବାକୁ ପଡୁଛି। ବିଶେଷକରି ଏହା ଆମେରିକା ପାଇଁ ଉପଯୁକ୍ତ, ଯାହାର ନେତୃତ୍ୱ ଅନେକ ଦେଶ ଚାହିଁଆସନ୍ତି। କିନ୍ତୁ ଆମେରିକା ଉପରେ ଏବେ ସେମାନଙ୍କ ବିଶ୍ୱାସ କମିଯାଇଛି। ଏହି ବିଶ୍ୱାସର ସଙ୍କଟ ଆମେରିକାକୁ ଆଭ୍ୟନ୍ତରୀଣ ଓ ବୈଶ୍ୱିକ ସ୍ତରରେ ଦୁର୍ବଳ କରିଦେଇଛି। ଏହାଦ୍ୱାରା ପାଶ୍ଚାତ୍ୟ ଏବଂ ଚାଇନା ମଧ୍ୟରେ ସମ୍ପର୍କ ଖରାପ ହେଉଛି। ଏଭଳି ଗୋଳମାଳିଆ ତଥା ଜଟିଳ ବ୍ୟବସ୍ଥାର ପ୍ରତିକ୍ରିୟା, ଉଭା ହୋଇଥିବା ମହାମାରୀ ଏବଂ ଜଳବାୟୁ ପରିବର୍ତ୍ତନର ଚାପ ବିଶ୍ୱରେ ସବୁଠୁ ମହତ୍ତ୍ୱପୂର୍ଣ୍ଣ ଭୂରାଜନୈତିକ ସଙ୍କଟ ସୃଷ୍ଟି କରିଛି। ତଥାପି ସଂକଟ ଟାଳିବା ଲାଗି ବିଶ୍ୱ ଆମେରିକା ଏବଂ ଚାଇନାର ଯୋଗଦାନ ଆଶା କରେ। ସେମାନଙ୍କ ପାରସ୍ପରିକ ବୁଝାମଣା ବ୍ୟତୀତ ମହାମାରୀ ହେଉ କିମ୍ବା ଜଳବାୟୁ ପରିବର୍ତ୍ତନ ମୁକାବିଲାରେ ସେଭଳି ପ୍ରଗତି ହୋଇପାରିବ ନାହିଁ। ଏହା ଏବେ ପ୍ରମାଣିତ ହୋଇଛି ଗରିବ ଦେଶଗୁଡ଼ିକୁ ପର୍ଯ୍ୟାପ୍ତ ଟିକା ଯୋଗାଣରେ ବିଫଳତାରୁ। ଦକ୍ଷିଣ ଆଫ୍ରିକାରେ କୋଭିଡ୍‌ର ନୂଆ ରୂପ ଓମିକ୍ରନ ପ୍ରକାଶ ପାଇବା ଦ୍ୱାରା ବାସ୍ତବରେ ଟିକା ଯୋଗାଣ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଗ୍ଲୋବାଲ କମିଶନ୍‌ଙ୍କ ଟିକା ଅବଗଣନା ଅନୁଯାୟୀ ଏସିଆ, ୟୁରୋପ ଏବଂ ଆମେରିକା ମେ' ୨୦୨୨ ସୁଦ୍ଧା ସେମାନଙ୍କର ୮୦% ଲୋକଙ୍କୁ ସମ୍ପୂର୍ଣ୍ଣ ଟିକା ଦେବାକୁ ଲକ୍ଷ୍ୟ ରଖିଥିବା ବେଳେ ଅଧିକାଂଶ ଆଫ୍ରିକୀୟ ଦେଶ ୨୦୧୫ ସୁଦ୍ଧା ସେହି ଲକ୍ଷ୍ୟରେ ପହଞ୍ଚି ପାରିବେ ନାହିଁ।

ଚାଇନା ଓ ଆମେରିକାର ମିଳିତ ସହଯୋଗ ହିଁ ଏହି ପ୍ରଭେଦ ଦୂର କରିପାରିବ। ଦୁଇ ଦେଶର ଅତୁଳନୀୟ ପୁଞ୍ଜି ଏବଂ ସଂସାଧନର ସୁବିନିଯୋଗ ତଥା ପରିଚାଳନା ପଦ୍ଧତିକୁ ଦେଖିଲେ ଏହା ସମ୍ଭବ ହୋଇପାରିବ। ଏଭଳି ସହଯୋଗ ୨୦୨୨ରେ ପ୍ରଥମେ ବିଶ୍ୱର ଗରିବ ଦେଶଗୁଡ଼ିକ ପ୍ରତି ରହିଥିବା ସମ୍ଭାବ୍ୟ ଋଣ ସଂକଟର ସମାଧାନ କରିବା ସହ ଅନ୍ୟ ଦେଶଗୁଡ଼ିକୁ ମଧ୍ୟ ଏଥିରୁ ମୁକ୍ତ କରିବାରେ ସାହାଯ୍ୟ କରିବ। ଦୁର୍ଭାଗ୍ୟର କଥା, ଏଭଳି ବୁଝାମଣା ଶୀଘ୍ର ହେବାର କୌଣସି ସମ୍ଭାବନା ଦେଖାଯାଉ ନାହିଁ। ଆସନ୍ନ ବିପର୍ଯ୍ୟୟ ହେଉ କିମ୍ବା ବିଶ୍ୱରେ ପ୍ରକାଶ ପାଇଥିବା ନୈରାଶ୍ୟ ଏବଂ ଏହାର ପ୍ରଭାବ କ'ଣ ରହିବ ତାହା ଆକଳନ କରିବା କଷ୍ଟକର। କିନ୍ତୁ ଏହି ସ୍ଥିତିକୁ ମୁକାବିଲା କରିବା ପାଇଁ ୪ଟି ପ୍ରମୁଖ ସିଦ୍ଧାନ୍ତକୁ ଆଧାର କରି ଆମକୁ ଏକ ନୂଆ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ। ପ୍ରଥମେ ପ୍ରାଥମିକତା ଭିତ୍ତିରେ ସବୁ ଲୋକଙ୍କୁ ଟିକା ଦେବା ଆବଶ୍ୟକ। ଏହାଦ୍ୱାରା ଆମେ ମହାମାରୀକୁ ଆୟତ୍ତ କରି ସ୍ଥାନୀୟ ସ୍ୱାସ୍ଥ୍ୟ ସମସ୍ୟା ଉପରେ ଅଧିକ ଦୃଷ୍ଟି ଦେଇପାରିବା। ଏକାକୀ ହେଉ କିମ୍ବା ମିଳିତ ଭାବେ ସବୁଦେଶ ଆଫ୍ରିକା ଓ ଅନ୍ୟ ଅଭାବୀ ଦେଶଗୁଡ଼ିକୁ ଟିକା ଯୋଗାଣ କ୍ଷେତ୍ରରେ ସର୍ବାଧିକ ପ୍ରାଥମିକତା ଦେବା ଦରକାର। ଏହାସହ ଟିକାକରଣ କାର୍ଯ୍ୟକ୍ରମକୁ ସେମାନେ ଚିକିତ୍ସା, ଆର୍ଥିକ, ସଂସ୍ଥା ଓ ଯୋଜନାଗତ ତଥା ପ୍ରଶାସନିକ ସହଯୋଗ ଯୋଗାଇ ଦେବା ଉଚିତ। ମହାମାରୀ ଯୋଗୁ ସୃଷ୍ଟି ହୋଇଥିବା ଅନିଶ୍ଚିତତା ଦୂର କରିବା ଦ୍ୱାରା ସ୍ଥାୟୀ ଜଳବାୟୁ ପଦକ୍ଷେପ ଏବଂ ମହାମାରୀ ପରବର୍ତ୍ତୀ ବିକାଶ ଲକ୍ଷ୍ୟ ହାସଲ ସକାଶେ ସ୍ଥିରୀକୃତ ନୀତିଗୁଡ଼ିକ ପ୍ରତି ବିଶ୍ୱାସ ସୃଷ୍ଟି କରିବା ସହ ଲୋକଙ୍କ ସହଯୋଗ ପାଇବାକୁ ନିଶ୍ଚିତ ଭାବେ ବାଟ ଖୋଲିପାରିବ। ଦ୍ୱିତୀୟ ସିଦ୍ଧାନ୍ତ ଅନୁଯାୟୀ ବିଶ୍ୱ ବ୍ୟାପାରରେ ଆମେରିକା- ଚାଇନା ଶତ୍ରୁତା ଏକ ମୁଖ୍ୟ ଭୂମିକା ନେଉଛି ବୋଲି ସ୍ୱୀକାର କରିବାକୁ ହେବ। ସେମାନଙ୍କ ମଧ୍ୟରେ ଶତ୍ରୁତାକୁ ଆଡ଼କରି ସେହି ଦୁଇ ମହାଶକ୍ତିଙ୍କୁ ବୈଶ୍ୱିକ ଆହ୍ୱାନଗୁଡ଼ିକ ଉପରେ ପରସ୍ପର ଆଲୋଚନା ଓ ସହଯୋଗ ପାଇଁ ଏକ ପ୍ରକ୍ରିୟା ଆରମ୍ଭ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ଏକ କାର୍ଯ୍ୟସୂଚୀ ସ୍ଥିର କରିବା ମଧ୍ୟ ଅତ୍ୟନ୍ତ ଜରୁରୀ। ଅନ୍ୟସବୁ କ୍ଷେତ୍ରରେ ସେମାନେ ପ୍ରତିଦ୍ୱନ୍ଦ୍ୱିତା ଜାରି ରଖି ବି ଏହା କରିପାରିବେ। ଆମେରିକା ଓ ସୋଭିଏତ୍ ସଂଘ ଶୀତଳ ଯୁଦ୍ଧ ସମୟରେ ଏଭଳି ସିଦ୍ଧାନ୍ତ କାର୍ଯ୍ୟକାରୀ କରିଥିଲେ। କିନ୍ତୁ ସେଥିରୁ ଶିକ୍ଷା କରିବାକୁ ଆମକୁ ବହୁ ଦଶନ୍ଧି ଲାଗିଗଲା। ଏଥିପାଇଁ ଜଳବାୟୁ ପରିବର୍ତ୍ତନ କିମ୍ବା ଅନ୍ତର୍ଜାତୀୟ ସୁରକ୍ଷା ବା ପ୍ରଭାବୀ ଶାସନ ବ୍ୟବସ୍ଥା ଅପେକ୍ଷା କଲା କି? ସବୁଥିରେ ବ୍ୟତିକ୍ରମ ପ୍ରକାଶ ପାଇଛି।

ତୃତୀୟ ସିଦ୍ଧାନ୍ତଟି ହେଲା ପାଶ୍ଚାତ୍ୟରେ ଦେଖାଦେଇଥିବା ବିଶ୍ୱାସ ଓ ବୈଧାନିକ ସଂକଟ। ଏହାକୁ ଗୁରୁତ୍ୱର ସହ ବିଚାର କରିବାକୁ ପଡ଼ିବ। ପାଶ୍ଚାତ୍ୟ ଗଣତନ୍ତ୍ରଗୁଡ଼ିକର ବର୍ଦ୍ଧିତ କଟରବାଦୀ ରାଜନୀତି ଯୋଗୁ କେବଳ ସେମାନଙ୍କ ଉପରେ ବିପଦ ଦେଖାଯାଇନାହିଁ, ବରଂ ବିଶ୍ୱରେ ସ୍ଥିରତା ଓ ସୁରକ୍ଷା ପ୍ରତି ସଂକଟ ସୃଷ୍ଟି କରିଛି। ଏଣୁ ସେଠାରେ ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଶାସନ ପ୍ରତିଷ୍ଠା କରିବା ଦାୟିତ୍ୱ ତୁରନ୍ତ ନିର୍ବାହ କରିବା ଉଚିତ ଓ ସୋସିଆଲ ମିଡିଆକୁ ଅଧିକ ଉତ୍ତରଦାୟୀ କରିବା ଲାଗି ଶୀଘ୍ର ଚାଲୁ କରିବା ଜରୁରୀ। ଏହାସହ ନୂଆ ସହଯୋଗଭିତ୍ତିକ ଧାରାରେ ନାଗରିକତ୍ୱକୁ ଉଜାଗର କରିବାକୁ ହେବ ଏବଂ ଚିକିତ୍ସା ଓ ସୁଯୋଗରେ ବ୍ୟାପକ ସମାନତା ନିଶ୍ଚିତ କରିବାକୁ ପଡ଼ିବ। ଚତୁର୍ଥ ସିଦ୍ଧାନ୍ତ ସମ୍ପୂର୍ଣ୍ଣ ବ୍ୟାବହାରିକ। ଟିକା କ୍ଷେତ୍ରରେ ବିଶ୍ୱରେ ଦେଶଗୁଡ଼ିକ ହାତ ବାନ୍ଧି ବସିପାରିବେ ନାହିଁ କି ଏହାର ସମାଧାନ କରିବାକୁ ଏକ ବୈଶ୍ୱିକ ବ୍ୟବସ୍ଥାକୁ ଅପେକ୍ଷା କରି ରହିପାରିବେ ନାହିଁ। ଏଣୁ ଏବେ ରେକର୍ଡ ସମୟ ମଧ୍ୟରେ ସୁରକ୍ଷିତ ଏବଂ ଅତ୍ୟଧିକ ପ୍ରଭାବୀ ଟିକା ଯୋଗାଇଥିବା, ଜଟିଳ ସମସ୍ୟାଗୁଡ଼ିକ ବିରୋଧରେ ଲଢ଼େଇ ଜାରି ରଖିଥିବା ସରକାରୀ ଓ ଘରୋଇ ସହଭାଗିତା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଏକ ମିଳିତ ଇଚ୍ଛାଶକ୍ତି ଆଶା କରୁଛି। ନୂଆ ଭୂତାଣୁ ଏବଂ ନ୍ୟୁକ୍ଲିୟର ଫ୍ୟୁଜନ ଭଳି ଅଣକାର୍ବନ ଏନର୍ଜି ଟେକ୍‌ନୋଲୋଜିରେ ଉପଲବ୍ଧ ସୁଯୋଗର ସନ୍ଧାନ ଓ ସଞ୍ଚାଳନ କରିବା ଲାଗି ବହୁ ଦେଶୀୟ ସହଯୋଗଭିତ୍ତିକ ଟେକ୍‌ନୋଲୋଜିକୁ ତୀବ୍ର କଲେ ସେଥିରୁ ଲାଭ ମିଳିପାରିବ। ଆମ ସମ୍ମୁଖରେ ଥିବା ଜଟିଳ ସଂକଟ ଦୂର କରିବା ଲାଗି ଆମକୁ ଏକ ସମ୍ମିଳିତ ଓ ଦୃଢ଼ ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଯଦି ଏହା ସମ୍ଭବ ହୁଏ, ତେବେ ସଫଳତା ମିଳିବ। ଯଦି ଏହା ସମ୍ଭବ ନ ହୁଏ ଓ ଦେଶଗୁଡ଼ିକ ସେମାନଙ୍କ ପକ୍ଷରୁ ସହମତି ପ୍ରକାଶ ନ କରନ୍ତି, ତେବେ ସଂକଟ ଦୂର ହୋଇପାରିବ ନାହିଁ।

**ଏଡିଟର୍ ଇନ୍ ଚିଫ୍, ଦି ଇକୋନୋମିଷ୍ଟ**
**ସହ ନିର୍ଦ୍ଦେଶକ, ଗ୍ଲୋବାଲ୍ କମିଶନ**
**ଫର୍ ପୋଷ୍ଟ-ପାଣ୍ଡେମିକ ପଲିସି**

## ଏଇ ଭାରତରେ

ବିଦ୍ୟୁତ୍ ପହଞ୍ଚି ନ ଥିବା ଗାଁର ଲୋକେ ବଲ୍‌ବଟିଏ ଜଳିବା ଦେଖିଲେ କେତେ ଖୁସି ମିଳେ ତାହା ଅନୁଭବୀ ହିଁ କହିପାରିବେ। ଏମିତି ଏକ ଖୁସିର ମୁହୂର୍ତ୍ତ ଆସିଛି ତାମିଲନାଡୁର ଥୁଥୁକୋଡ଼ି ପାଇଁ। ଧୀବର ବର୍ଗର ଲୋକେ ରହୁଥିବା ଏହି ଗାଁର ଜଣେ ଯୁବକଙ୍କ ଦ୍ୱାରା ଗାଁ ଆଲୋକିତ ହେବାରେ ଲାଗିଛି। ୩୦ ବର୍ଷୀୟ ଏମ୍.ଶକ୍ତିଭେଲ୍ ଘର ପରେ ଘର ସୋଲାର ପ୍ୟାନେଲ ଲଗାଇ ଚାଲିଛନ୍ତି। ଜଣେ ୟୁଟ୍ୟୁବର ଭାବେ ସେ ସମୁଦ୍ରରେ ମାଛମାରିବା ସମୟର ବିଭିନ୍ନ ଭିଡିଓ କରି ତାହାକୁ ଛାଡୁଛନ୍ତି। ଏବେ ସୁଦ୍ଧା ଶକ୍ତିଭେଲଙ୍କ ୫୦୦ରୁ ଉର୍ଦ୍ଧ୍ୱ ଭିଡିଓର ୭ ଲକ୍ଷରୁ ଉର୍ଦ୍ଧ୍ୱ ସବ୍‌ସ୍କ୍ରାଇବର ରହିଛନ୍ତି। ଏହି ପ୍ଲାଟଫର୍ମକୁ ବ୍ୟବହାର କରି ସେ ତାଙ୍କ କମ୍ୟୁନିଟ୍‌କୁ ସାହାଯ୍ୟ କରିବାକୁ ନିବେଦନ କରିବା ପରେ ଶ୍ରୀଲଙ୍କା, ସିଙ୍ଗାପୁର ଏବଂ ମାଲେସିଆ ଆଦି ଦେଶର ଭ୍ୟୁୟର୍ସମାନେ ସହଯୋଗର ହାତ ବଢ଼ାଇବା ଆରମ୍ଭ କରିଥିଲେ। ଧୀରେ ଧୀରେ ତାଙ୍କ ନିକଟରେ ଟଙ୍କା ପହଞ୍ଚିଲା ଓ ତାହାକୁ ସୋଲାର ପ୍ୟାନେଲ ବସାଇବାରେ ବ୍ୟୟ କରିଚାଲିଲେ। ଏବେ ସେ ତାଙ୍କ ଗାଁରେ ୧୫ଟି ଘରେ ସୋଲାର ପ୍ୟାନେଲ ଲଗାଇସାରିଛନ୍ତି ଓ ଆଗକୁ ଅଧିକ ପାଣ୍ଠି ଯୋଗାଡ଼ କରି ସମ୍ପୂର୍ଣ୍ଣ ଗାଁକୁ ଆଲୋକିତ କରିବାକୁ ଯୋଜନା କରିଛନ୍ତି। ଏହାବାଦ୍ ନିଜସ୍ୱ ଆୟକୁ ମଧ୍ୟ ଏଥିରେ ବ୍ୟୟ କରୁଛନ୍ତି। ତିନୋଟି ଲାଇଟ୍, ଗୋଟିଏ ଫ୍ୟାନ ଏବଂ ମୋବାଇଲ କରମ୍ବା ଟର୍ଚ୍ଚ ଚାର୍ଜ ପାଇଁ ୧୬,୦୦୦ ଟଙ୍କା ବ୍ୟୟରେ ପ୍ୟାନେଲ ଲଗାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୧୬ ଡିସେମ୍ବର ୧୯୯୬**

- ପାକିସ୍ତାନ ରାଷ୍ଟ୍ରପତି ଫାରୁକ ଅହମ୍ମଦ ଖାଁ ଲେଘରୀ ବରଖାସ୍ତ ପ୍ରଧାନମନ୍ତ୍ରୀ ବେନଜୀର ଭୁଟ୍ଟୋଙ୍କ ବିରୁଦ୍ଧରେ ୨୦୨ ପୃଷ୍ଠାର ଏକ ଅଭିଯୋଗପତ୍ର ସୁପ୍ରିମ୍‌କୋର୍ଟରେ ଦାଖଲ କରିଛନ୍ତି।
- ଏଆଇସିସି ସଭାପତି ସୀତାରାମ କେସରୀ ସବୁଜ ସଙ୍କେତ ଦେଇ କଂଗ୍ରେସ ସହ କର୍ଣ୍ଣାଟକ କଂଗ୍ରେସ ପାର୍ଟିର ବିଧିବଦ୍ଧ ମିଶ୍ରଣ ହେବା ବିଷୟ ଘୋଷଣା କରିଛନ୍ତି।
- ବିହାରର ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ତାନେଶ୍ୱର ଅଜାଦଙ୍କ ୭୦ ବର୍ଷ ବୟସରେ ପରଲୋକ।

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 6 | | | | | 4 | | |
| | | 7 | | | 2 | | 8 | 5 |
| | | | 9 | | | | | |
| 4 | | | | 8 | | 2 | | 3 |
| 1 | | | | | | | 7 | |
| 6 | 7 | | 1 | | | | | |
| | 5 | 4 | | 6 | | | | 2 |
| | | | | | | | | 1 |
| | 2 | | | 7 | 9 | | | |

ଏହାର ଉତ୍ତର ଆସନ୍ତା କାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 8 | 4 | 3 | 6 | 2 | 1 | 9 | 5 |
| 2 | 9 | 5 | 4 | 8 | 1 | 3 | 7 | 6 |
| 1 | 3 | 6 | 7 | 9 | 5 | 4 | 8 | 2 |
| 6 | 1 | 8 | 9 | 5 | 4 | 2 | 3 | 7 |
| 9 | 2 | 3 | 1 | 7 | 6 | 5 | 4 | 8 |
| 4 | 5 | 7 | 2 | 3 | 8 | 6 | 1 | 9 |
| 8 | 7 | 2 | 6 | 1 | 3 | 9 | 5 | 4 |
| 3 | 4 | 9 | 5 | 2 | 7 | 8 | 6 | 1 |
| 5 | 6 | 1 | 8 | 4 | 9 | 7 | 2 | 3 |

ଗତକାଲିର ଉତ୍ତର

# ନିଯୁକ୍ତିରେ ବିବିଧତା



ହରିଶଙ୍କର ମିଶ୍ର

ଆମ ରାଜ୍ୟର ଯେକୌଣସି କାର୍ଯ୍ୟାଳୟ, ବିଦ୍ୟାଳୟ ବା ଚିକିତ୍ସାଳୟକୁ ଗଲେ ଜଣାଯିବ ଯେ ଏକାଧିକ ମଞ୍ଜୁରୀପ୍ରାପ୍ତ ପଦବୀ ଖାଲିଥିବ। କିଛି ପଦବୀରେ ଚୁକ୍ତିଭିତ୍ତିକ କର୍ମଚାରୀ ରହିଥିବେ। ଅନେକ କାର୍ଯ୍ୟାଳୟରେ ଖାଲି ଥିବା ପଦବୀରେ ଅବସରପ୍ରାପ୍ତ କର୍ମଚାରୀ /ଅଧିକାରୀମାନଙ୍କୁ ସ୍ୱତନ୍ତ୍ର ପଦାଧିକାରୀ ବା ପଦବୀ ନ ଥିଲେ ପରାମର୍ଶଦାତା ଭାବେ ମଧ୍ୟ ନିଯୁକ୍ତି ମିଳିଥିବ। ରାଜ୍ୟରେ ଉତ୍କଟ ବେକାରି ସମସ୍ୟା ସତ୍ତ୍ୱେ ଅବସର ପରେ ନିଯୁକ୍ତି ସୁଯୋଗ ପାଇଁ ସରକାରୀ ନିୟମ ମଧ୍ୟ ହୋଇସାରିଛି। ଅବସରପ୍ରାପ୍ତ କର୍ମଚାରୀ/ଅଧିକାରୀଙ୍କୁ ନିଯୁକ୍ତି ଦ୍ୱାରା ଅବଶ୍ୟ ରାଜକୋଷ ଉପରେ ଚାପ କିଞ୍ଚିତ ଭାବେ ହ୍ରାସ ହେଉଛି। କିନ୍ତୁ ଏହି ନିଯୁକ୍ତି ପାଇଁ କୌଣସି ଚୟନ ପ୍ରକ୍ରିୟା ନିର୍ଦ୍ଧାରିତ ହୋଇ ନ ଥିବାରୁ ଆନୁଗତ୍ୟ ହିଁ ଦକ୍ଷତାର ମାନଦଣ୍ଡ ହେଉଥିବା ଅନୁଭବୀ ନିଶ୍ଚିତ ସ୍ୱୀକାର କରିବେ। ଏହି ନିଯୁକ୍ତିରେ ରାଜ୍ୟର ସର୍ବୋଚ୍ଚ ପଦାଧିକାରୀଙ୍କଠାରୁ ସର୍ବନିମ୍ନ କର୍ମଚାରୀ ସାମିଲ ହେଉଥିବା ବେଳେ ଆଶ୍ଚର୍ଯ୍ୟ ଲାଗେ ଯେ ତିରିଶରୁ ପଞ୍ଚତିରିଶ ବର୍ଷ ଚାକିରି ଜୀବନ ପରେ ଏବଂ ଶେଷ ଦରମାର ଅର୍ଦ୍ଧେକ ଅର୍ଥ ମାସିକ ପେନ୍‌ସନ ପାଇ ମଧ୍ୟ ଏମାନେ ପୁନର୍ନିଯୁକ୍ତି ପାଇଁ ଆଶାୟୀ ହୁଅନ୍ତି କାହିଁକି। ଅନେକ ଉଚ୍ଚପଦାଧିକାରୀ ଅବସର ପୂର୍ବରୁ ବା ଠିକ୍ ପରେ ଉଚ୍ଚ ବେତନରେ ସାମ୍ବିଧାନିକ ବା ପ୍ରତିଷ୍ଠିତ ପଦବୀ ପାଉଥିବା ବେଳେ କିଛି ନିମ୍ନ ବା ମଧ୍ୟମ ବର୍ଗର ଅଧିକାରୀ ଓ କର୍ମଚାରୀ ସ୍ଥଳ ବିଶେଷରେ ଯେଉଁଘରେ ଶାଶୁ ସେଇଘରେ ବୋହୂ ହେବାପରି ପୂର୍ବ ସହକର୍ମୀଙ୍କ ଅଧୀନସ୍ଥ ବି ହେଉଛନ୍ତି। ଅପରପକ୍ଷରେ ପୁନର୍ନିଯୁକ୍ତିପ୍ରାପ୍ତ ବ୍ୟକ୍ତିମାନେ କେବଳ ଅବସରୋତ୍ତର ସମୟରେ ନିଜକୁ କାର୍ଯ୍ୟଦକ୍ଷ ରଖିବାର ସଫେଇ ଦେଇଥାନ୍ତି। ମାତ୍ର ଦୀର୍ଘ ବର୍ଷର ଅଭିଜ୍ଞତାକୁ ସାମାଜିକ କଲ୍ୟାଣ ପାଇଁ ଉପଯୋଗ ପରିବର୍ତ୍ତେ ଏଇ ସଫେଇ ଦ୍ୱାରା ସେମାନେ ବାସ୍ତବରେ ସମାଜରେ ନିଜକୁ ଅଲୋଡ଼ା ସାବ୍ୟସ୍ତ କରିଥାନ୍ତି। ବରଂ ନିଯୁକ୍ତି ଗ୍ରହଣ କରି ସେମାନେ ଅନେକ ଆଶାୟୀ ପ୍ରାର୍ଥୀଙ୍କ ଭବିଷ୍ୟତର ପଥରୋଧ କରିଥାନ୍ତି। ଏହା ସତ୍ୟ ଯେ କିଛି କର୍ମଚାରୀ ବା ଅଧିକାରୀମାନଙ୍କ ପାଇଁ ଚାକିରି ହିଁ ପରିଚୟ, ଆତ୍ମପ୍ରତିଷ୍ଠା ଏବଂ ସ୍ୱାର୍ଥ ସିଦ୍ଧିର ଏକମାତ୍ର ମାର୍ଗ। ଚାକିରିରୁ ଅବସର ସେମାନଙ୍କ ପାଇଁ ଦୁର୍ବିଷହ। ପୁନର୍ନିଯୁକ୍ତି ଉଦ୍ଦେଶ୍ୟ ରଖି ସେମାନେ ଅବସର ପୂର୍ବରୁ ନିଯୁକ୍ତିଦାତାଙ୍କ ଆଜ୍ଞାଧୀନ ଦର୍ଶାଇବାକୁ ତତ୍ପର ହୋଇଥାନ୍ତି। କିଛି ଅଧିକାରୀ ବା କର୍ମଚାରୀ ନିଜକୁ ଏଜେଣ୍ଟ ସଜାଇ ନିଯୁକ୍ତିଦାତାଙ୍କ ଅସୁମାରି ଇଚ୍ଛା ପୂରଣ କରିବାସହ ନିଜର ସ୍ୱାର୍ଥପୂରଣକୁ ଅଗ୍ରାଧିକାର ଦିଅନ୍ତି। ସେମାନଙ୍କ ପାଇଁ ଉତ୍ତର ଦାୟିତ୍ୱ ନ ଥିବାରୁ ସାଧାରଣ ଜନତା ନିର୍ଯାତିତ ହେଉଥିବା ଦୃଷ୍ଟାନ୍ତର ଅଭାବ ନାହିଁ। ଏଇ ବର୍ଗରେ କିଛି ଦକ୍ଷ ଅଧିକାରୀ ବା କର୍ମଚାରୀ ଯେ ନାହାନ୍ତି ତାହା ନୁହେଁ କିନ୍ତୁ ପୁନର୍ନିଯୁକ୍ତି ପରେ ନିଯୁକ୍ତିଦାତାଙ୍କ ଇଚ୍ଛାପୂରଣ ସେମାନଙ୍କ ପାଇଁ ବାଧ୍ୟ ବାଧକତା ହୋଇଯାଏ।

ଦ୍ୱିତୀୟ ନିଯୁକ୍ତି ହେଉଛି ଚୁକ୍ତିଭିତ୍ତିକ; ଯାହା ଏବେ ପ୍ରାଥମିକ ନିଯୁକ୍ତି ଭାବେ ନାମାନ୍ତର ହୋଇଛି। ଏହା ରାଜ୍ୟ ଲୋକସେବା ଆୟୋଗ ଦ୍ୱାରା ମନୋନୀତ ପ୍ରାର୍ଥୀଙ୍କ ବ୍ୟତୀତ ଅନ୍ୟ ସମସ୍ତ ମଞ୍ଜୁରୀପ୍ରାପ୍ତ ପଦବୀ ପାଇଁ ପ୍ରଯୁଜ୍ୟ ହେଉଛି। ପଦବୀରେ ନିଯୁକ୍ତିର ଛଅବର୍ଷ ପରେ ସ୍ଥାୟୀ କରାଯାଏ। ଏହି ସମୟ ପାଇଁ ସରକାରୀ ନିର୍ଦ୍ଧାରିତ ବେତନ ଦିଆଯାଏ; ଯାହା କି ମୂଳବେତନଠାରୁ ଯଥେଷ୍ଟ କମ୍। ନବେ ଦଶକ ପ୍ରାରମ୍ଭରେ ରାଜ୍ୟରେ ବେସରକାରୀ ଭାବେ ଅନେକ ସି.ଟି. ଓ ବି.ଇଡି. କଲେଜ ଖୋଲିଗଲା। ସେହି ଅନୁଷ୍ଠାନଗୁଡ଼ିକର ବାସ୍ତବ ସ୍ଥିତି ନ ଥିବାସତ୍ତ୍ୱେ କୌଶଳ କ୍ରମେ ସରକାରୀସ୍ୱୀକୃତି ପାଇଥିବାରୁ କୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଗୋଟିଏ ବର୍ଷ ପାଇଁ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ସୁଯୋଗ ମିଳିଥିଲା। ଉତ୍ତୀର୍ଣ୍ଣଙ୍କ ସଂଖ୍ୟା ଅତ୍ୟଧିକ ଯୋଗୁ ସେମାନେ ନିଯୁକ୍ତି ପାଇବାରେ ସମସ୍ୟା ହେଲା। ୧୯୮୮ ମସିହାରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାକର୍ମୀ ଓ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାପ୍ରେମୀ ଭାବେ ସ୍ୱଳ୍ପ ବେତନରେ ନିଯୁକ୍ତି ଦେଇ ପରେ ନିୟମିତ କରିଥିଲେ। ବିଜୁ ପଟ୍ଟନାୟକଙ୍କ ମୁଖ୍ୟମନ୍ତ୍ରୀତ୍ୱ ସମୟରେ ଇଂଜିନିୟରିଂ ଡିଗ୍ରୀଧାରୀଙ୍କ ସଂଖ୍ୟା ବଢ଼ିଗଲା। ସେମାନେ ଆନ୍ଦୋଳନ କରିବାରେ ସେମାନଙ୍କୁ ୨ୟଶ୍ରେଣୀ ପଦବୀର ମୂଳ ଦରମାରେ ଷ୍ଟାଇପେଣ୍ଡାରୀ ଇଂଜିନିୟର ଭାବେ ନିଯୁକ୍ତି ଦିଆଯାଇ ପଦବୀ ସୃଷ୍ଟି ପରେ ନିୟମିତ କରାଗଲା। କିଛିବର୍ଷ ପାଇଁ ଏହି ପ୍ରକ୍ରିୟାରେ ପୂର୍ଣ୍ଣଚ୍ଛେଦ ପଡ଼ିଥିଲା। ଏହାକୁ ସରକାର ପୁନଶ୍ଚ ୨୦୧୨ମସିହାରୁ ଲାଗୁ କରିଛନ୍ତି। ସମାନ କାମକୁ ସମାନ ଦରମାର ଏହା ପରିପନ୍ଥୀ ସତ୍ତ୍ୱେ ବେକାରିରୁ ମୁକ୍ତି ଓ ଭବିଷ୍ୟତ ଆଶାରେ ଏହି ନିଯୁକ୍ତିକୁ ସମ୍ପୃକ୍ତ କର୍ମଚାରୀମାନେ ଗ୍ରହଣ କରିବାକୁ ବାଧ୍ୟ ହେଉଛନ୍ତି। ଜିଲା ସ୍ତରରୁ ରାଜ୍ୟ ସ୍ତରୀୟ ନିଯୁକ୍ତି ପାଇଁ ମଧ୍ୟ ଏହି ଧାରା ବଜାୟ ରହିଛି।

ଅନ୍ୟ ଏକ ନିଯୁକ୍ତିଧାରା ସରକାର ନିର୍ଣ୍ଣୟ କରିଛନ୍ତି; ଯାହା ଆଉଟସୋର୍ସିଂ ଭାବେ ନାମିତ ହେଉଛି। କିଛି ସଂସ୍ଥା ସରକାରୀ କାର୍ଯ୍ୟାଳୟ ପାଇଁ ଗ୍ରୁପ ଡି(୪ର୍ଥ ଶ୍ରେଣୀ) ଓ ବୈଷୟିକ କର୍ମଚାରୀ ଯୋଗାଣ ଉଦ୍ଦେଶ୍ୟରେ ଅନୁବନ୍ଧିତ ହୋଇଛନ୍ତି। ସେମାନେ ଆବଶ୍ୟକ ଅନୁଯାୟୀ କର୍ମଚାରୀ ନିଯୁକ୍ତ କରନ୍ତି। କର୍ମଚାରୀଙ୍କ ପ୍ରାପ୍ୟ ନିଯୁକ୍ତିଦାତାଙ୍କ ମାଧ୍ୟମରେ ଦିଆଯାଏ। ସେହି ପ୍ରାପ୍ୟରୁ କିଛି ଅର୍ଥ ନିଯୁକ୍ତିଦାତା ରଖନ୍ତି। ଏହି ସଂସ୍ଥାଗୁଡ଼ିକର ଅଡିଟ ହୁଏ କି ନାହିଁ ତାହା ଅସ୍ପଷ୍ଟ। ନିଯୁକ୍ତିଦାତା କିନ୍ତୁ ପ୍ରକୃତ ପ୍ରାପ୍ୟରୁ କର୍ମଚାରୀଙ୍କୁ କମ୍ ଅର୍ଥ ଦେଉଥିଲେ ବି ଚାକିରି ଚାଲିଯିବା ଭୟରେ କେହି ପାଟି ଖୋଲିବାକୁ ସାହସ କରନ୍ତି ନାହିଁ। ଏହି ସଂସ୍ଥା ରାଜ୍ୟର ବିଶିଷ୍ଟ ଲୋକଙ୍କ ଦ୍ୱାରା ବା ମାଧ୍ୟମରେ ପରିଚାଳିତ ହେଉଥିବାରୁ ସେମାନେ ସରକାରଙ୍କୁ ପ୍ରଭାବିତ କରି ବିନା ପୁଞ୍ଜିରେ ବ୍ୟବସାୟ ତୁଲ୍ୟ ବହୁ ଅର୍ଥ ରୋଜଗାର କରିଥାନ୍ତି। ସମ୍ପୃକ୍ତ କର୍ମଚାରୀମାନେ କେବଳ ବର୍ତ୍ତମାନର ଭରସାରେ ହିଁ ରହନ୍ତି। ରୋଜଗାର ରକ୍ଷା ପାଇଁ ନିୟମିତ କର୍ମଚାରୀଙ୍କଠାରୁ ସେମାନେ ଅଧିକ କାର୍ଯ୍ୟ କରିଥାନ୍ତି। ଅବଶ୍ୟ ହାଇକୋର୍ଟ ଏହି ବର୍ଗର ଡାଟା ଏଣ୍ଟ୍ରି ଅପରେଟରଙ୍କୁ ନିୟମିତ କରିବାକୁ ନିକଟରେ ନିର୍ଦ୍ଦେଶ ଦେଇଛନ୍ତି।

ଏବେ ବି ଅନେକ ସ୍କୁଲ କଲେଜରେ ବହୁ ପଦବୀ ଖାଲି ଯୋଗୁ ଅତିଥି ଶିକ୍ଷକ ଓ ଅଧ୍ୟାପକମାନେ ଶିକ୍ଷାଦାନ କରୁଛନ୍ତି। ସେମାନଙ୍କର ମଧ୍ୟ ଉତ୍ତର ଦାୟିତ୍ୱ ରହୁନାହିଁ। ରାଜ୍ୟରେ ଉତ୍କଟ ବେକାରି ରହିଥିବା ସତ୍ତ୍ୱେ ଏଭଳି ନିଯୁକ୍ତି ଚାକିରି ଆଶାୟୀଙ୍କ ଭବିଷ୍ୟତ ପାଇଁ ବାଧକ ହେଉଛି। ଅବସରପ୍ରାପ୍ତ ନିଯୁକ୍ତିରେ ସମ୍ପୃକ୍ତ କର୍ମଚାରୀ ଓ ନିଯୁକ୍ତିଦାତାଙ୍କ ମଧ୍ୟରେ ପାରସ୍ପରିକ ସହଯୋଗ ଏବଂ ସେବା ପ୍ରଦାନକାରୀ ସଂସ୍ଥାଗୁଡ଼ିକର ସରକାରଙ୍କ ଉପରେ କର୍ତ୍ତୃତ୍ୱ ଯୋଗୁ ଚାକିରି ଆଶାୟୀଙ୍କ ଭବିଷ୍ୟତ ଅନିଶ୍ଚିତ ହୋଇଯାଉଛି। ପ୍ରସଙ୍ଗକ୍ରମେ ଏହା ଉଲ୍ଲେଖ ଯୋଗ୍ୟ ଯେ ୨୦୦୫ ମସିହା ପୂର୍ବରୁ ଚାକିରି କରିଥିବା ପ୍ରତ୍ୟେକ କର୍ମଚାରୀ ଚାକିରି ଶେଷରେ ଆଜୀବନ ନିୟମିତ ପେନ୍‌ସନ ଓ ପରେ ତାଙ୍କ ଜୀବିତ ପତ୍ନୀ ମଧ୍ୟ ଆଜୀବନ ପରିବାର ପେନ୍‌ସନ ପାଇବା ବ୍ୟବସ୍ଥା ରହିଛି। ଅବସର ପରେ ସେମାନେ ସ୍ୱମନୋନୀତ କାର୍ଯ୍ୟାଳୟରେ ଅନ୍ୟୁନ ଗୋଟିଏ ବର୍ଷ ବିନା ପାରିଶ୍ରମିକରେ ପରାମର୍ଶଦାତା ଭାବେ କାର୍ଯ୍ୟ କରିବାପାଇଁ ସରକାରୀ ନିୟମ କରାଯାଇପାରେ। କିନ୍ତୁ ଅବସର ପରେ ପୁନର୍ନିଯୁକ୍ତି ଦିଆଯିବା ଦ୍ୱାରା ଆଶାୟୀ ପ୍ରାର୍ଥୀ ପ୍ରତି ଯଥେଷ୍ଟ ଅନ୍ୟାୟ ସହ ବେକାରି ଦୂରୀକରଣର ପରିପନ୍ଥୀ ହେଉଛି। ସରକାର, ରାଜ୍ୟର ପ୍ରତ୍ୟେକ ମଞ୍ଜୁରୀପ୍ରାପ୍ତ ପଦବୀରେ ଦକ୍ଷ ଓ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ଦେବା ସହ ପ୍ରତ୍ୟେକ ସ୍ତରରୁ ଅବସରପ୍ରାପ୍ତ ନିଯୁକ୍ତି ଏବଂ ଆଉଟସୋର୍ସିଂ ନିୟମର ପୂର୍ଣ୍ଣଚ୍ଛେଦ ପକାଇବା ଜରୁରୀ। ଏହାଦ୍ୱାରା ବହୁ ହଜାର ବେକାର ଯୁବତୀ ଯୁବକ ନିଶ୍ଚିତ ଉପକୃତ ହେବେ।

**୧୧୩, ଗୁଣ୍ଡିଚା ବିହାର, ପୁରୀ**
**ମୋ: ୭୯୭୮୭୮୫୪୭୮**

# ଗୀତାର ଅମୃତଜ୍ଞାନ



ଡା. ଉମେଶ ଚନ୍ଦ୍ର ପାତ୍ର

ହିନ୍ଦୁ ପରମ୍ପରା ଅନୁଯାୟୀ ଶ୍ରୀମଦ୍ ଭଗବତ୍ ଗୀତାର ସୃଷ୍ଟି ଦିବସକୁ ଗୀତା ଜୟନ୍ତୀ ଭାବେ ପାଳନ କରାଯାଇଥାଏ। ମାର୍ଗଶିର ଶୁକ୍ଳ ଏକାଦଶୀରୁ ଚତୁର୍ଦ୍ଦଶୀ ମଧ୍ୟରେ ଗୀତା ଜୟନ୍ତୀ ପାଳନ କରାଯାଇଥାଏ। ମହାଭାରତ ଯୁଦ୍ଧ ପୂର୍ବରୁ ଯୁଦ୍ଧଭୂମିରେ ଆତ୍ମୀୟସ୍ୱଜନଙ୍କୁ ଦେଖି ମୋହଗ୍ରସ୍ତ ହୋଇପଡ଼ିଥିବା ଅର୍ଜୁନଙ୍କୁ ଯୋଗୀରାଜ ଶ୍ରୀକୃଷ୍ଣ ଗୀତା ଉପଦେଶ ପ୍ରଦାନ କରିଥିଲେ। ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଛନ୍ଦ ରୂପରେ ଅର୍ଥାତ୍ ଗୀତା ଗାଇ ଉପଦେଶ ପ୍ରଦାନ କରିଥିଲେ। ସେଥିପାଇଁ ଏହାକୁ ଗୀତା କୁହାଯାଇଥାଏ। ସ୍ୱୟଂ ଭଗବାନଙ୍କ ମୁଖ ନିଃସୃତ ବାଣୀ ହୋଇଥିବାରୁ ଏହି ଗ୍ରନ୍ଥର ନାମ ଭଗବତ ଗୀତା ହୋଇଛି। ଏହି ମହାଗ୍ରନ୍ଥରେ ୧୮ ଅଧ୍ୟାୟ ଏବଂ ୭୦୦ଟି ଶ୍ଳୋକ ରହିଛି। ଭଗବତ ଗୀତାରେ ଏକାଧିକ ବିଦ୍ୟା ସମ୍ପର୍କରେ ଉଲ୍ଲେଖ ରହିଛି। ଏହି ବିଦ୍ୟାଗୁଡ଼ିକ ମଧ୍ୟରୁ ଚାରିଟି ବିଦ୍ୟା ପ୍ରମୁଖ। ଅଭୟ ବିଦ୍ୟା, ସାମ୍ୟ ବିଦ୍ୟା, ଈଶ୍ୱର ବିଦ୍ୟା ଏବଂ ବ୍ରହ୍ମ ବିଦ୍ୟା। ଅଭୟ ବିଦ୍ୟା ମୃତ୍ୟୁ ଭୟ ଦୂର କରିଥାଏ ବୋଲି ବିଶ୍ୱାସ ରହିଛି। ସେହିପରି ସାମ୍ୟ ବିଦ୍ୟା ରୋଗ ଦ୍ୱେଷରୁ ମୁକ୍ତି ଦେଇଥାଏ। ଜୀବ ମଧ୍ୟରେ ସମାନତାର ଭାବ ପ୍ରକଟ କରିଥାଏ। ଈଶ୍ୱର ବିଦ୍ୟା ପ୍ରଭାବରେ ସାଧକ ଅହଂ ଏବଂ ଗର୍ବ ଭଳି ବିକାରରୁ ରକ୍ଷା ପାଇଥାଏ। ବ୍ରହ୍ମ ବିଦ୍ୟା ଦ୍ୱାରା ଅନ୍ତରାତ୍ମାରେ ବ୍ରହ୍ମ ଭାବ ଜାଗ୍ରତ ହୋଇଥାଏ। ଗୀତା ମାହାତ୍ମ୍ୟ ବିଷୟରେ ଶ୍ରୀକୃଷ୍ଣ ପଦ୍ମ ପୁରାଣରେ କହିଛନ୍ତି ଯେ, ଏ ଭବ ସାଗରର ବନ୍ଧନରୁ ମୁକୁଳିବା ନିମନ୍ତେ ଗୀତା ହିଁ ଏକମାତ୍ର ପବିତ୍ର ଗ୍ରନ୍ଥ। ଗୀତାର ଉଦ୍ଦେଶ୍ୟ ଈଶ୍ୱରଙ୍କ ଜ୍ଞାନ ବୋଲି ବିବେଚନା କରାଯାଇଥାଏ।

ଧର୍ମ-ଅଧର୍ମ, ସତ୍ୟ-ଅସତ୍ୟର ଯୁଦ୍ଧ ମହାଭାରତରେ କୌରବ ଏବଂ ପାଣ୍ଡବଙ୍କ ସେନା ପରସ୍ପରର ସାମ୍ନାସାମ୍ନି ଥିଲେ। ଅର୍ଜୁନଙ୍କ ସାରଥି ଭଗବାନ ଶ୍ରୀକୃଷ୍ଣ ରଥକୁ ଦୁଇ ସେନାଙ୍କ ମଧ୍ୟଭାଗକୁ ନେଇଗଲେ। ଅର୍ଜୁନ ଦେଖିଲେ ଯେ ତାଙ୍କ ସମ୍ମୁଖରେ ପିତାମହ ଭୀଷ୍ମ, ଗୁରୁ ଦ୍ରୋଣାଚାର୍ଯ୍ୟ, କୃପାଚାର୍ଯ୍ୟ ଏବଂ ତାଙ୍କ ଭ୍ରାତା, ସମ୍ପର୍କୀୟମାନେ ବିରୋଧୀ ପକ୍ଷରେ ଛିଡ଼ା ହୋଇଥିଲେ। ଅର୍ଜୁନ ସାହସ ହରାଇଲେ। ସେ ଶ୍ରୀକୃଷ୍ଣଙ୍କୁ କହିଲେ, ନିଜ ସ୍ୱଜନ ଏବଂ ନିର୍ଦ୍ଦୋଷ ସୈନିକଙ୍କୁ ହତ୍ୟା କରିବା ଫଳରେ ଯେଉଁ ମୁକୁଟ ହାସଲ ହେବ, ତାହା ମୋତେ କି ସୁଖ ପ୍ରଦାନ କରିବ? ଅର୍ଜୁନ ସମ୍ପୂର୍ଣ୍ଣ ଭାବେ ଅବସାଦଗ୍ରସ୍ତ ହୋଇପଡ଼ିଥିଲେ। ସେ ନିଜ ଅସ୍ତ୍ରଶସ୍ତ୍ର କୃଷ୍ଣଙ୍କ ସମ୍ମୁଖରେ ଭୂମି ଉପରେ ରଖି ତାଙ୍କ ମାର୍ଗଦର୍ଶନ ମାଗିଲେ। ଏହି ସମୟରେ ଶ୍ରୀମଦ୍ ଭଗବତ ଗୀତାର ଜନ୍ମ ହୋଇଥିଲା। ଭଗବାନଙ୍କ ମୁଖନିଃସୃତବାଣୀକୁ ମହର୍ଷି ବେଦବ୍ୟାସ ଲିପିବଦ୍ଧ କରିଥିଲେ। ଏହା ହିଁ ଭଗବତ୍ ଗୀତା ଗ୍ରନ୍ଥର ରୂପ ନେଇଥିଲା। ଗୀତାର ଆଧ୍ୟାତ୍ମିକ ସିଦ୍ଧାନ୍ତ ସ୍ୱୟଂସିଦ୍ଧ।

ଭଗବାନ ଶ୍ରୀକୃଷ୍ଣ ଧର୍ମକ୍ଷେତ୍ର କୁରୁକ୍ଷେତ୍ରରେ ଅର୍ଜୁନଙ୍କୁ କହିଲେ- ହେ କୁନ୍ତୀ ପୁତ୍ର, ତୁମେ ନିଶ୍ଚୟକରି ଜାଣିରଖ, ମୋ ଭକ୍ତର କଦାପି ବିନାଶ ହୁଏନାହିଁ। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଛନ୍ତି, ମନୁଷ୍ୟ ପ୍ରବୃତ୍ତି ବଶତାରେ ବିନଷ୍ଟ ହୁଏ। ମନୁଷ୍ୟର ଦୁର୍ଭୋଗର ମୂଳରେ ଅଛି ପ୍ରବୃତ୍ତିଜନିତ କୁକର୍ମ। କିନ୍ତୁ ସବୁ ପ୍ରବୃତ୍ତିକୁ ନେଇ ଇଷ୍ଟ ବା ଗୁରୁପୁରୁଷୋତ୍ତମଙ୍କଠାରେ ଅନ୍ତରାସୀ ହେଲେ ଆଉ ବିନଷ୍ଟ ହେବାର ଉପାୟ ନାହିଁ। ସବୁ ବୃତ୍ତି ସହ ଗୁରୁଙ୍କଠାରେ ଅଚ୍ଛେଦ୍ୟ ଭାବରେ ଚିରଦିନ ପାଇଁ ଅନ୍ତରାସୀ ହେଲେ ବିନଷ୍ଟିର ମୂଳ ମରିଯାଏ। ବୃତ୍ତିର ଅଧୀଶଙ୍କଠାରେ ବୃତ୍ତି ରୂପାନ୍ତରିତ ହୁଏ, ପ୍ରେମର ଦାବାଗ୍ନିରେ ଷଡ଼ରିପୁ, ଷଡ଼ୈଶ୍ୱର୍ଯ୍ୟର ନବକଳେବର ଲାଭ କରେ। ସଦ୍‌ଗୁରୁଙ୍କଠାରେ ଅଛି ଐଶ୍ୱର୍ଯ୍ୟ ଓ ଆଧିପତ୍ୟ। କଥା ପ୍ରସଙ୍ଗରେ ଶ୍ରୀ ଶ୍ରୀ ଠାକୁର କହିଲେ - ଭକ୍ତି ପରି ଆଉ ଜିନିଷ ନାହିଁ। ଭଗବତ୍ ଗୀତାର ଦ୍ୱାଦଶ ଅଧ୍ୟାୟରେ ଦ୍ୱିତୀୟ ଶ୍ଳୋକରେ ନିତ୍ୟଯୁକ୍ତା କଥା ଶୁଣି ଶ୍ରୀ ଶ୍ରୀ ଠାକୁର କହିଲେ, ଭକ୍ତିର ଲକ୍ଷଣ ହେଲା ସର୍ବଦା ଯୁକ୍ତ ରହିବା। ଇଷ୍ଟଙ୍କୁ ବାଦ ଦେଇ ଏକ ମୁହୂର୍ତ୍ତ ମଧ୍ୟ ଭକ୍ତକୁ ଭଲ ଲାଗେନାହିଁ। ଇଷ୍ଟ ବିସ୍ମୃତି ହେଲେ ଭକ୍ତର ପ୍ରାଣ ହାହାକାର ହୋଇଉଠେ। ଇଷ୍ଟ ଚିନ୍ତା ଓ ଇଷ୍ଟ କର୍ମ ହିଁ ଭକ୍ତର ଜୀବନ ସୂତ୍ର।

ଭଗବାନଙ୍କ ଅନନ୍ତସ୍ୱରୂପରେ ସମଗ୍ର ବ୍ରହ୍ମାଣ୍ଡ ନିହିତ ଥିବା ଜାଣି ଅର୍ଜୁନଙ୍କର ହୃଦ୍‌ବୋଧ ହୋଇଥାଏ ଯେ ସେ ଯାହା କରିବାକୁ ଯାଉଛନ୍ତି, ସବୁକିଛି ବିଧି ନିର୍ଦ୍ଧାରିତ। ଗୀତାର ୧୮ଟି ଅଧ୍ୟାୟ ମାଧ୍ୟମରେ ଜୀବନର ସିଦ୍ଧ ସୂତ୍ର ସମଗ୍ର ମାନବ ଜଗତ ପାଇଁ ଭଗବାନ ଶ୍ରୀକୃଷ୍ଣ ପ୍ରଦାନ କରିଯାଇଛନ୍ତି। ଏଥିରେ ଜ୍ଞାନ, କର୍ମ, ଭକ୍ତି, ରାଜବିଦ୍ୟା, ବିଭୂତିଠାରୁ ମୋକ୍ଷର ମାର୍ଗ ସମ୍ପର୍କରେ ଉଲ୍ଲେଖ ରହିଛି। ଗୀତାର ଅମୃତ ଜ୍ଞାନ ହେଉଛି 'ହେ ଅର୍ଜୁନ, କେବଳ କର୍ମ ଉପରେ ତୁମର ଅଧିକାର ରହିଛି, ଫଳ ଉପରେ ନୁହେଁ। ଏଣୁ ଫଳର ଆଶା ନ କରି କର୍ମ କର। କର୍ମ ନ କରିବା ଲାଗି ମଧ୍ୟ ତୁମ ମନରେ ଆସକ୍ତି ଉତ୍ପନ୍ନ ନ ହେଉ।

**ସହ-ପ୍ରତିରକ୍ଷକ ଓ ବିଭାଗୀୟ ମୁଖ୍ୟ,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ**
**ମେଡ଼ିକାଲ କଲେଜ, କଟକ**
**ମୋ : ୯୪୩୭୦୫୧୯୫୭**

## ପାଠକ ଶ୍ରେଷ୍ଠ ବିଚାରକ

### ଜରି ବ୍ୟବହାର ବନ୍ଦ କରାଯାଉ

ମହାଶୟ,

ଏବେ ମାଛ ଧରାଳିମାନେ ସମୁଦ୍ରରେ ସାଂଘାତିକ ଜରି ସମସ୍ୟାରେ ପଡିଛନ୍ତି। ନଦୀ ତଟବର୍ତ୍ତୀ ଅଞ୍ଚଳର ଲୋକେ ନଦୀକୁ ଫିଙ୍ଗୁଥିବା ଜରି ମୁହାଣରେ ଜମାଟ ବାନ୍ଧି ମତ୍ସ୍ୟଜୀବୀଙ୍କ ଯିବା ଆସିବା ବେଳେ ମୁଣ୍ଡବ୍ୟଥାର କାରଣ ହେଲାଣି। ରାଜ୍ୟର ସମସ୍ତ ମୁହାଣରେ କିଛି କିଲୋମିଟର ପର୍ଯ୍ୟନ୍ତ ଜରି ପାହାଡ ଦାନା ବାନ୍ଧୁଛି। ଗଭୀର ସମୁଦ୍ରରେ ମାଛ ଧରାଳିଙ୍କ ଜାଲରେ ମାଛ ସହିତ କୁଢ଼ କୁଢ଼ ଜରିଆସିବା କାରଣରୁ ମାଛ କମିବା ଓ ବାଛିବାରେ ସମସ୍ୟା ଦେଖାଦେଲାଣି। ଏପରି କି ଲୋକେ ନଦୀକୁ ଫିଙ୍ଗୁଥିବା ପୁରୁଣା ଲୁଗାପଟାଠୁ ଅନ୍ୟ ଜିନିଷ ସବୁ ଜାଲରେ ଉଠୁଛି। ସମୁଦ୍ରରେ ଅଳ୍ପଦୂରକୁ ଯାଇ ମାଛ ଧରୁଥିବା ଡଙ୍ଗା, ଭୁଟୁଭୁଟି, ଲଞ୍ଚ, ନଉକା ଓ ମାଲବସାଇ ମତ୍ସ୍ୟଜୀବୀଙ୍କ ଜାଲରେ ଜରି ଛନ୍ଦିହେବା କାରଣରୁ ଚିନ୍ତା ବଢ଼ିଲାଣି। ଜରି ନଷ୍ଟ ନ ହୋଇ ବର୍ଷ ବର୍ଷ ସମୁଦ୍ରରେ ଭାସି ବୁଲୁଥିବା ବେଳେ ନଦୀ ଓ ସମୁଦ୍ରକୁ କିଭଳି ଜରିମୁକ୍ତ ରଖାଯାଇପାରିବ ସେଥିପାଇଁ ବ୍ୟାପକ ଜନସଚେତନତାର ଆବଶ୍ୟକତା ଦେଖାଦେଇଛି। ଯଦି ସରକାର ପାରୁନାହାନ୍ତି ତେବେ ଜରି ବ୍ୟବହାରୀଙ୍କଠାରୁ ଜରିମାନା ଆଦାୟର କ୍ଷମତା ଯେଖା ଅଞ୍ଚଳର ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ହାତରେ ଛଡ଼ିଦିଅନ୍ତୁ। ଏହାହେଲେ ପରିସ୍ଥିତିରେ ସୁଧାର ଆସିପାରିବ।

**- ମନୋରଞ୍ଜନ ପାତ୍ର, ସୁନହଟ, ବାଲେଶ୍ୱର**

## ଚିରନ୍ତନୀ

ସନ୍ଧ୍ୟାର ତାରା ଯାଇନି ନିଭି
ଜୋଛନା ବୋଲା ଆକାଶେ ବସି
ନୀରବ ନଦୀ ଉପରେ ତା'ର
ବଦନ ଶୋଭା ଦେଖଇ ହସି।
-(ନିଜ ଭୁଲା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ଡିସେମ୍ବର, ୨୦୨୧

## ୨୬୨ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

**ଜଗତ୍‌ସିଂହପୁର ଅଫିସ:** ଜଗତ୍‌ସିଂହପୁର ଥାନା ପୋଲିସ ବୁଧବାର ସ୍ଥାନୀୟ ଗୋପାଳସାଗରରେ ଚଢାଉ କରି ୨୬୨ ଗ୍ରାମ ବ୍ରାଉନ ସୁଗାର ଜବତ କରିଛି। ଏ ନେଇ ମାମଲା (ନଂ.୬୮୪/୨୧) ରୁଜୁ କରିବା ସହ ଗୋପାଳସାଗରର ଆଲୋକ ଦାସ (୩୨) ଓ ତାଙ୍କ ସ୍ତ୍ରୀ ଲିଲି ଦାସ (୨୭)ଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ସେମାନଙ୍କ ନିକଟରୁ ୫,୨୭୦ ଟଙ୍କା ଓ ଗୋଟିଏ ଡିଜିଟାଲ ଓଜନ ମେଶିନ୍ ମଧ୍ୟ ଜବତ କରାଯାଇଛି ବୋଲି ଆଇଆଇସି ପ୍ରଭାସ ଚନ୍ଦ୍ର ସାହୁ ସୂଚନା ଦେଇଛନ୍ତି।



# ଚିକିତ୍ସା ବାବଦ ଅର୍ଥକୁ ଶିକ୍ଷାରେ ଖର୍ଚ୍ଚ କର

**କେନ୍ଦ୍ରାପଡ଼ା ଅଫିସ, ୧୫।୧୨**

କେନ୍ଦ୍ରାପଡ଼ା ଜିଲା ରାଜ୍ୟ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ସେବାରେ ବୁଧବାର ଯୋଡି ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୂର୍ବାହ୍ନ୧୧ଟାରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କେନ୍ଦ୍ରାପଡ଼ା ଜିଲାରେ ଏହି କାର୍ଡ ବଣ୍ଟନର ଆରମ୍ଭ କରିଛନ୍ତି। ଜିଲାର ୩,୦୮,୧୧୭ ପରିବାରର ୧୧,୫୬,୪୩୩ ଜଣ ଏଥିଯୋଗୁ ଉପକୃତ ହୋଇପାରିବେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ, ବିଜୁବାବୁ କେନ୍ଦ୍ରାପଡ଼ାର ପାଣି ପବନ ସହିତ ଯୋଡି ହୋଇ ଏବେବି ଅଛନ୍ତି। ତାଙ୍କ କର୍ମଭୂମି ବିକାଶିତ ହୋଇଛି। ସ୍ମାର୍ଟ କାର୍ଡ ପ୍ରବର୍ତ୍ତନ ଦ୍ୱାରା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ଅର୍ଥ ଅଭାବ ସମସ୍ୟା ଦୂର ହୋଇପାରିବ। ଏହି କାର୍ଡ ଦ୍ୱାରା ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ଦେଶର ୨୦୦ ବଡ ବେସରକାରୀ ସ୍ୱାସ୍ଥ୍ୟ ଅନୁଷ୍ଠାନରେ ଉନ୍ନତ ଚିକିତ୍ସା ସେବା ମିଳିପାରିବ। ସ୍ୱାସ୍ଥ୍ୟ ପାଇଁ ଖର୍ଚ୍ଚ ହେଉଥିବା ଅର୍ଥକୁ ପିଲାଙ୍କ ଶିକ୍ଷା ଗ୍ରହଣରେ ନିବେଶ ପାଇଁ ପରାମର୍ଶ ଦେଇଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ପଟ୍ଟନାୟକ ୧୫୮୧ କୋଟି ୩୨ ଲକ୍ଷ ୫ ହଜାର ଟଙ୍କାର ୧୬୦ଟି ପ୍ରକଳ୍ପର



ବିଏସ୍‌କେୱାଇ ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ପାଇଥିବା ହିତାଧିକାରୀଙ୍କ ସହ ଅତିଥିମାନେ।

ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି।

ଜିଲାସ୍ତରର ଏହି କାର୍ଯ୍ୟକ୍ରମ ସହରର ଟାଉନ ହଲ୍‌ଠାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ କିଶୋର ଦାସ, ଜଳସମ୍ପଦ ବିଭାଗ ମନ୍ତ୍ରୀ ରଘୁନନ୍ଦନ ଦାସ ଓ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ୯ ଜଣଙ୍କୁ ସ୍ମାର୍ଟ କାର୍ଡ ବାଣ୍ଟିଥିଲେ। ସ୍ଥାନୀୟ ଲୋକପ୍ରତିନିଧି, ଜିଲାପାଳ ଅମୃତ ଋତୁରାଜଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ ଏଥିରେ ସାମିଲ ହୋଇଥିଲେ। ସଭା ମଞ୍ଚକୁ ସିନେତାରକା କୁନା ତ୍ରିପାଠୀ ଓ ବିଜେଡି ନେତ୍ରୀ

- ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ସେବାରେ ଯୋଡି ହେଲା କେନ୍ଦ୍ରାପଡ଼ା
- ୧୫୮୧ କୋଟି ଟଙ୍କା ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ
- ବ୍ରାହ୍ମଣୀର ଅଳପୁଆ, ନୀଳକଣ୍ଠପୁରଠାରେ ବ୍ରିଜ୍

ସୁଲତା ଦେଓ ପରିଚାଳନା କରିଥିଲେ।

ଜିଲାର ୫୪ଟି ପ୍ରକଳ୍ପର ଉଦ୍‌ଘାଟନ ହୋଇଥିବା ବେଳେ ୧୦୬ଟି ଜରୁରୀ ପ୍ରକଳ୍ପର ଶିଳାନ୍ୟାସ ମୁଖ୍ୟମନ୍ତ୍ରୀ କରିଛନ୍ତି। ଏଥିମଧ୍ୟରେ ବ୍ରାହ୍ମଣୀ ନଦୀର ଅଳପୁଆ ଘାଟ ଓ ନୀଳକଣ୍ଠପୁର ଘାଟଠାରେ ଦୁଇଟି ହାଇ ଲେବୁଲ ବ୍ରିଜ ସ୍ଥାନିତ ହୋଇଛି। ସେହିପରି ରାଜ୍ୟର ସର୍ବପୁରାତନ ପୌରାଞ୍ଚଳର କାର୍ଯ୍ୟାଳୟ ଗୃହ ୫ କୋଟି ଟଙ୍କାରେ ନିର୍ମାଣ ହେବ ବୋଲି ସୂଚନା ମିଳିଛି। ଉଦ୍‌ଘାଟନ ହୋଇଥିବା ପ୍ରକଳ୍ପ ମଧ୍ୟରୁ କେନ୍ଦ୍ରାପଡ଼ା ବ୍ଲକ ନାଗପୁର ରୋଡର ଗୋବରୀ ନଦୀ ପୋଲ ଅନ୍ୟତମ। ଦୀର୍ଘ ୧୧ ବର୍ଷ ଧରି କାର୍ଯ୍ୟାରମ୍ଭ ହୋଇଥିଲେ ମଧ୍ୟ ସଂଯୋଗ ରାସ୍ତା ପାଇଁ ସ୍ଥାନୀୟ ଲୋକଙ୍କୁ ପ୍ରାୟ ୪ ବର୍ଷ ଅପେକ୍ଷା କରିବାକୁ ପଡିଛି। ସେହିପରି କେନ୍ଦ୍ରାପଡ଼ା ବ୍ଲକ ଶାମଗୁଡିଆଠାରେ ନୂତନ ଶିଶୁ ଓ ମାତୃମଙ୍ଗଳ କେନ୍ଦ୍ର ଉଦ୍‌ଘାଟନ ହୋଇଛି। ଲୁଣାନଦୀ ବାମ ପାର୍ଶ୍ୱର ୪ କିମି ଲମ୍ବର ନଦୀ ବନ୍ଧ ଉନ୍ନତୀକରଣ ପ୍ରକଳ୍ପ ସହ ଜଳସମ୍ପଦ ବିଭାଗର ୪ଟି ପ୍ରକଳ୍ପ, ୯ଟି କୋଠା ପ୍ରକଳ୍ପ, ୧୦ଟି ସ୍ୱାସ୍ଥ୍ୟ ସେବା ପ୍ରକଳ୍ପ, ୮ଟି ଭିତ୍ତିଭୂମି ପ୍ରକଳ୍ପ, ୩ଟିଶକ୍ତି ପ୍ରକଳ୍ପ, ୧୪ ଜଳ ଯୋଗାଣ ପ୍ରକଳ୍ପ ଓ ୬ଟି ବ୍ରିଜ୍ ପ୍ରକଳ୍ପର ଉଦ୍‌ଘାଟନ କରିଛନ୍ତି। ଅପରପକ୍ଷରେ ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ୨୦ ପଞ୍ଚାୟତବାସୀଙ୍କ ପାନୀୟ ଜଳ ଯୋଗାଣ ପାଇଁ ମେଗା ପ୍ରକଳ୍ପ ସମେତ ଜଳ ଯୋଗାଣ ବିଭାଗର ୧୯ଟି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିସହିତ ଜଳସମ୍ପଦ ବିଭାଗର ୬ଟି ପ୍ରକଳ୍ପ, ଡ୍ରେନେଜ ବିଭାଗର ୫ ପ୍ରକଳ୍ପ, ତଟବନ୍ଧର ୩ ପ୍ରକଳ୍ପ, ଭିତ୍ତିଭୂମି ପାଇଁ ୯ଟି ପ୍ରକଳ୍ପ, ସ୍ୱାସ୍ଥ୍ୟ ବିଭାଗର ୩ଟି ପ୍ରକଳ୍ପ, ଶିକ୍ଷା ବିଭାଗର ୨ ପ୍ରକଳ୍ପ, ଗ୍ରାମ୍ୟ ଉନ୍ନୟନ ବିଭାଗର ୨୪ଟି ରାସ୍ତା ପ୍ରକଳ୍ପ, ୫ଟି ହାଇଲେବଲ ବ୍ରିଜ୍ ପ୍ରକଳ୍ପ, ଶକ୍ତି ବିଭାଗର ୧ ପ୍ରକଳ୍ପ ଓ ୨୯ଟି କୋଠା ନିର୍ମାଣ ପ୍ରକଳ୍ପକୁ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ରାଜନଗର ବିଧାୟକ ଧ୍ରୁବ ସାହୁ, ଆଳି ବିଧାୟକ ପ୍ରତାପ କେଶରୀ ଦେବ ନିଜ ନିର୍ବାଚନ ମଣ୍ଡଳୀରେ ସ୍ମାର୍ଟ ହେଲ୍‌ଥ କାର୍ଡ ବଣ୍ଟନ କରିଥିଲେ।

## ଆଜି କ'ଣ କେଉଁଠି

ବ୍ୟାସନଗର
- ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ସ୍ମାର୍ଟ କାର୍ଡ ବଣ୍ଟନର ଶୁଭାରମ୍ଭ। ସ୍ଥାନ-ବ୍ୟାସନଗର ପୌର ପାଳିକା ବସ୍‌ଷ୍ଟାଣ୍ଡ। ସମୟ-ମଧ୍ୟାହ୍ନ ୧୨ଟା।

## ସଂକ୍ଷେପରେ

### ଆହତ ଶିଶୁଙ୍କ ଚିକିତ୍ସାରେ ଅର୍ଥ ସାଜିଛି ବାଧକ

**ଆଳି,୧୫।୧୨(ଡି.ଏନ.ଏ.):** ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାର ଶିକାର ହୋଇ ଗତ ୭ ଦିନ ହେବ ଡାକ୍ତରଖାନା ବେଡ଼ରେ ଛଟପଟ ହେଉଛି ୬ ବର୍ଷର ଶିଶୁପୁତ୍ର ଚନ୍ଦନ ମଲିକ। ଚନ୍ଦନଙ୍କ ବାପା ଦିନ ମଜୁରି କରି ପରିବାର ଚଳାଉଥିବା ବେଳେ ପୁଅର ଚିକିତ୍ସା ନିମନ୍ତେ ସରକାରୀ ସହାୟତା ଲୋଡିଛନ୍ତି। ମିଳିଥିବା ସୂଚନା ମୁତାବକ ଆଳି ଥାନା ଅନ୍ତର୍ଗତ ରାଣୀପୋଖରୀ ଗ୍ରାମର ଅଧର ମଲିକଙ୍କ ପୁଅ ଚନ୍ଦନ ଗତ ଗୁରୁବାର କଟକ-ଚାନ୍ଦବାଲି ମୁଖ୍ୟ ରାସ୍ତାର ନାଗପଡା ଛକ ନିକଟରେ ଘରକୁ ଆସିବାକୁ ରାସ୍ତା କଡ଼ରେ ଠିଆ ହୋଇଥିଲେ। ତାଙ୍କୁ ରାଜକନିକା ଅଞ୍ଚଳରୁ ସ୍କୁଟିରେ ଆସୁଥିବା ଜଣେ ବ୍ୟକ୍ତି ଧକ୍କା ଦେଇଥିଲେ। ଚନ୍ଦନ ରାସ୍ତାରେ ଛିଟିକି ପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକେ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ଲାଗି ନେଇଥିଲେ। ଡାକ୍ତରମାନେ ତାଙ୍କ ଅବସ୍ଥା ଗୁରୁତର ଥିବାରୁ କଟକ ବଡ଼ ମେଡିକାଲ ପଠାଇ ଦେଇଥିଲେ। ଚନ୍ଦନଙ୍କ ପରିବାର ଲୋକେ ଚନ୍ଦନଙ୍କୁ ଭଲ କରିବା ନିମନ୍ତେ କଟକର ଏକ ଘରୋଇ ମେଡିକାଲରେ ଚିକିତ୍ସିତ କରାଉଛନ୍ତି। ଚନ୍ଦନଙ୍କ ଡାହାଣ ଗୋଡ଼ ଭାଙ୍ଗିଯିବା ସହିତ ମୁଣ୍ଡର ପଛ ଭାଗରେ ଗଭୀର ଆଘାତ ଲାଗିଛି। ଶରୀରର ବିଭିନ୍ନ ସ୍ଥାନରେ କ୍ଷତ ସୃଷ୍ଟି ହୋଇଛି। ଅଧର ଯାହା ରୋଜଗାର କରନ୍ତି ସେଥିରେ ତାଙ୍କ ପରିବାର ପ୍ରତିପୋଷଣ ହୁଏ। ତାଙ୍କ ପାଖରେ ଯାହା କିଛି ସଞ୍ଚିତ ଅର୍ଥ ଥିଲା ତାହା ଖର୍ଚ୍ଚ ହୋଇ ଗଲାଣି। ସରକାରୀ କିମ୍ବା ବେସରକାରୀ ସ୍ତରରେ ଯଦି କିଛି ସହାୟତା ମିଳେ ତେବେ ପୁଅକୁ ଭଲ କରିପାରିବେ ବୋଲି ଅଧର ଗୁହାରି କରିଛନ୍ତି। ଚନ୍ଦନଙ୍କ ଚିକିତ୍ସା ନିମନ୍ତେ ଗାଁ ଲୋକ ଅର୍ଥ ଆଦାୟ କରୁଛନ୍ତି।

### ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ ଆରମ୍ଭ

**ପାରାଦୀପ,୧୫।୧୨(ସ୍ୱ.ପ୍ର.):** ପାରାଦୀପ ପୌରାଞ୍ଚଳର ୯୦୮ ହିତାଧିକାରୀଙ୍କୁ ବୁଧବାରଠାରୁ ବିଜୁ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ କରାଯାଇଛି। ଏଥିପାଇଁ ପୌର ପ୍ରଶାସନିକ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ସମ୍ବିତ ରାଉତରାୟ ଯୋଗଦେଇ କାର୍ଡ ବଣ୍ଟନ ଆରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ ସୌରୀନ୍ଦ୍ର କୁମାର ରାଉତରାୟ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

### ଟ୍ରକ୍‌ମାଲିକ ସଂଘ ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ

**ପାରାଦୀପ,୧୫।୧୨(ସ୍ୱ.ପ୍ର.):** ପାରାଦୀପ ଟ୍ରକ୍ ମାଲିକ ସଂଘର ନୂତନ କର୍ମକର୍ତ୍ତାଙ୍କ ଶପଥପାଠ ଉତ୍ସବ ବୁଧବାର ଅଠରବାଙ୍କୀ ସଂଘ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ସମ୍ମାନିତ ଅତିଥି ଭାବେ ମନ୍ତ୍ରୀ ରଘୁନନ୍ଦନ ଦାସ, ବିଧାୟକ ଶଶିଭୂଷଣ ବେହେରା, ଅତନୁ ସବ୍ୟସାଚୀ ନାୟକ, ପ୍ରଶାନ୍ତ ମୁଦୁଲି, ସମ୍ବିତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସଭାପତି ଭାବେ ସୁମନ୍ତ କୁମାର ବିଶ୍ୱାଳ, ଉପସଭାପତି ପ୍ରଦୀପ୍ତ ଗାହାଣ, ଖଗେଶ୍ୱର ଲେଙ୍କା, ସମ୍ପାଦକ ରାଜେଶ ମହାନ୍ତି, ଯୁଗ୍ମ ସମ୍ପାଦକ ସମ୍ବିତ ତ୍ରିପାଠୀ, ସୂର୍ଯ୍ୟକାନ୍ତ ପରିଜା ଏବଂ କୋଷାଧକ୍ଷଭାବେ ସ୍ମୃତିରଞ୍ଜନ ସାମନ୍ତରାୟ ଶପଥପାଠ କରିଥିଲେ।

## ଲୁଟ୍ ଘଟଣାରେ ୫ ଗିରଫ

**ପାରାଦୀପ,୧୫।୧୨(ସ୍ୱ.ପ୍ର.)**

ପାରାଦୀପ ଲକ୍‌ଥାନା ପୋଲିସ ବୁଧବାର ଲୁଟ୍ ଅଭିଯୋଗରେ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଏହି ଥାନା ଅଞ୍ଚଳର ଶମ୍ଭୁ ମଜୁମଦାର,ତୋଫାନ ବେହେରା, ଶଙ୍କର ବେହେରା, ଚିନ୍ମୟ ମହାନ୍ତି ଓ ଶିବ ଦାସ। ଗତ ସୋମବାର ରାତିରେ୫ ନଂ (କ) ଜାତୀୟ ରାଜପଥର କାଠଗଡା ଛକରେ ଟୁଟୁ ନାମକ ବାଇକ ଆରୋହୀଙ୍କଠାରୁ ଅଭିଯୁକ୍ତମାନେ ବଳପୂର୍ବକ ଟଙ୍କା ଓ ମୋବାଇଲ ନେଇଥିଲେ। ଏନେଇ ଟୁଟୁ ଥାନାରେ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ ମାମଲା (ନଂ. ୩୦୬/୨୧) ରୁଜୁ କରିଥିଲା।

## ନଦୀ ଉତ୍ସବ ଉଦ୍‌ଘାଟିତ

**ପାରାଦୀପ,୧୫।୧୨(ସ୍ୱ.ପ୍ର.)**

ପାରାଦୀପ ସମୁଦ୍ର ବେଳାଭୂମିର କଳିଙ୍ଗ ବାଲିଯାତ୍ରା ପଡ଼ିଆରେ ବୁଧବାର ସକାଳେ ନଦୀ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହି ଉତ୍ସବ ଆସନ୍ତା ୧୫ ଦିନ ଧରି ଚାଲିବ। ଜିଲାପାଳ ପାରୁଲ ପଟୱାରୀ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ମହାନଦୀ ହେଉଛି ଓଡ଼ିଶାର ଜୀବନରେଖା। ଏହାକୁ ସ୍ୱଚ୍ଛ ରଖିବା ପାଇଁ ସମସ୍ତେ ଯତ୍ନବାନ ହେବା ଉଚିତ୍। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ପାରାଦୀପ ଏଡିଏମ୍ କାହ୍ନୁଚରଣ ଧୀର, ପୌର ନିର୍ବାହୀ ଅଧିକାରୀ ସୌରୀନ୍ଦ୍ର କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପରେ ବିଭିନ୍ନ ସ୍କୁଲର ଛାତ୍ରୀଛାତ୍ର ଓ ସମରଶିକ୍ଷାର୍ଥୀ ବାହିନୀ ଛାତ୍ରୀଛାତ୍ରଙ୍କୁ ନେଇ ତଟ ସଫେଇ ଏବଂ ବାଲୁକା କଳା ପ୍ରଦର୍ଶନୀ କରାଯାଇଥିଲା। ମହାନଦୀକୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପକ୍ଷରୁ କଟକ, ସମ୍ବଲପୁର ଓ ପାରାଦୀପଠାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

## ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଜିଲାପାଳ ଅସନ୍ତୁଷ୍ଟ

**ନାଉଗାଁ,୧୫।୧୨(ସ୍ୱ.ପ୍ର)**

ଜିଲାପାଳ ପାରୁଲ ପଟୱାରୀ ପ୍ରଥମ ଥର ପାଇଁ ବୁଧବାର ନାଉଗାଁ ବ୍ଲକ ଗସ୍ତରେ ଆସିଥିଲେ। ପ୍ରଥମେ ସେ ୫-ଟି ଅଧୀନରେ ରୂପାନ୍ତରଣ ହୋଇଥିବା ନାଉଗାଁ ହାଟ ସରକାରୀ ଉଚ୍ଚ ବିଦ୍ୟାଳୟ, ରୋହିଆ ସରକାରୀ ଉଚ୍ଚ ବିଦ୍ୟାଳୟ, ଅଙ୍ଗେଶ୍ୱରପଡା ଉଚ୍ଚ ବିଦ୍ୟାଳୟ, ଗୋପବନ୍ଧୁ ସ୍ମାରକୀ ନୋଡାଲ ସରକାରୀ ଉଚ୍ଚ ବିଦ୍ୟାଳୟ, କଣ୍ଟୁଣିଆହାଟ ସରକାରୀ ଉଚ୍ଚ ବିଦ୍ୟାଳୟର ନିର୍ମାଣ କାର୍ଯ୍ୟ ଦେଖିଥିଲେ। ଏସବୁ କାର୍ଯ୍ୟ ଯଥାଶୀଘ୍ର ଶେଷ କରିବାକୁ ବିଭାଗୀୟ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ଲକରେ ନିର୍ମାଣ କରାଯାଇଥିବା ମିଶନ ଶକ୍ତି ଗୃହ ବୁଲି ଦେଖିଥିଲେ। ଅର୍ଦ୍ଧନିର୍ମିତ ଅବସ୍ଥାରେ ଥିବା ମିଶନ ଶକ୍ତି ଗୃହକୁ ଶୀଘ୍ର ଶେଷ କରିବାକୁ ବିଡିଓ ରଶ୍ମିରେଖା ମଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ ହୋଇଥିବା ଖେଳପଡ଼ିଆ ସମତୁଲ ହୋଇ ନ ଥିବା ଦେଖି ବିରକ୍ତ ହୋଇଥିଲେ। ସେହିପରି ଦହିପାଳର ବେଲକନ୍ଦାଠାରେ ନିର୍ମାଣ କରାଯାଉଥିବା ଆଦର୍ଶ ବିଦ୍ୟାଳୟ ବୁଲି ଦେଖିଥିଲେ। ଏହି ସମୟରେ ଦହିପାଳର ପ୍ରଧାନମନ୍ତ୍ରୀ ସଡକ ଯୋଜନାଠାରୁ ଆଦର୍ଶ ବିଦ୍ୟାଳୟକୁ ସଂଯୋଗୀକରଣ ରାସ୍ତାରେ ପାଣି ନିଷ୍କାସନ ପାଇଁ କଲଭର୍ଟ ବ୍ୟବସ୍ଥା କରାଯାଇନାହିଁ ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ। ଯଥାଶୀଘ୍ର ଏହାକୁ ନିର୍ମାଣ କରିବାକୁ ଜିଲାପାଳ ବିଡିଓ ରଶ୍ମିରେଖା ମଲ୍ଲିକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ତହସିଲଦାର ଜେ. କଳ୍ପନା, ସହକାରୀ ଯନ୍ତ୍ରୀ କୈଳାସ ବେହେରା, କନିଷ୍ଠଯନ୍ତ୍ରୀ ଶାରଦା ପ୍ରସାଦ ସ୍ୱାଇଁ, ସ୍ମୃତିରଞ୍ଜନ ନାୟକ, ଶୁଭେନ୍ଦୁ ବରାଳ ପ୍ରମୁଖ ଉପସ୍ଥିତ ଥିଲେ।

# ଭିତରକନିକା ବିଭବକୁ ବିଶ୍ୱରେ ପହଞ୍ଚାଇବ ଇକୋ ରିଟ୍ରିଟ୍

**ରାଜନଗର, ୧୫।୧୨(ଡି.ଏନ.ଏ.)**

ଦେଶ ବିଦେଶର ପର୍ଯ୍ୟଟକମାନଙ୍କୁ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ବିଭବକୁ ଉପଭୋଗ କରିବାକୁ ରାଜ୍ୟ ସରକାର ପ୍ରୟାସ ଜାରି ରଖିଛନ୍ତି। ଭିତରକନିକାରେ ଇକୋ ରିଟ୍ରିଟ ଆରମ୍ଭ କରାଯାଇ ପର୍ଯ୍ୟଟକମାନଙ୍କୁ ପରିଭ୍ରମଣ ସହ ବିଶ୍ରାମ ଓ ମନୋରଞ୍ଜନ ପାଇଁ କାର୍ଯ୍ୟକ୍ରମକୁ ଉତ୍ସର୍ଗୀକୃତ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ଭର୍ଚୁଆଲ ମୋଡରେ ଉଦ୍‌ଘାଟନ କରି କହିଛନ୍ତି। କେନ୍ଦ୍ରାପଡ଼ା ଜିଲା ରାଜନଗର ବ୍ଲକ ଭିତରକନିକା ଜାତୀୟ ଉଦ୍ୟାନ ସଂଲଗ୍ନ ପେଣ୍ଠ ବେଳାଭୂମିଠାରେ ଇକୋ ରିଟ୍ରିଟ ଶିବିର ଆରମ୍ଭ ହୋଇଛି। ଉତ୍ସବରେ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗ ଦେଇ ଭିତରକନିକାର ବିଭବକୁ ବିଶ୍ୱ ଦରବାରରେ ପହଞ୍ଚାଇବା କ୍ଷେତ୍ରରେ ଇକୋ ରିଟ୍ରିଟ ପ୍ରମୁଖ ଭୂମିକା ଗ୍ରହଣ କରିବ। ଭିତରକନିକା ଜାତୀୟ ଉଦ୍ୟାନର ଲୁଣା ଜଙ୍ଗଲ, ବିରଳ ଜୀବଜନ୍ତୁ, ବିଦେଶାଗତ ପକ୍ଷୀ, ବଉଳା କୁମ୍ଭୀର ସମେତ ପେଣ୍ଠ ବେଳାଭୂମି, ହୁକିଟୋଲା ଦୀପ, ବତୀଘର, ଅଗରନାସୀ ଦ୍ୱୀପ, ବରୁଣେଇ ମୁହାଣ, ହବାଳିଖଟିର ପ୍ରାକୃତିକ ସୌନ୍ଦର୍ଯ୍ୟକୁ


ବିଧାୟକ ଧ୍ରୁବ ସାହୁ ଇକୋ ରିଟ୍ରିଟକୁ ଉଦ୍‌ଘାଟନ କରୁଛନ୍ତି।

ପର୍ଯ୍ୟଟକମାନେ ଉପଭୋଗ କରିବେ।

ରାଜ୍ୟ ସଂସ୍କୃତି ଓ ପର୍ଯ୍ୟଟନ ବିଭାଗ ଅତିରିକ୍ତ ଶାସନ ସଚିବ ଅବନ୍ତିକାନ୍ତ ପଟ୍ଟନାୟକ ଯୋଗଦେଇ ପର୍ଯ୍ୟଟନ ଶିଳ୍ପର ବିକାଶ ପାଇଁ ସମୁଦ୍ର ବେଳାଭୂମି ପେଣ୍ଠଠାରେ ଇକୋ ରିଟ୍ରିଟ ଆରମ୍ଭ କରାଯାଇଛି। ଏହା ୩ ମାସ ଧରି ଚାଲିବ। ପର୍ଯ୍ୟଟକମାନେ ଭିତରକନିକା ପରିଭ୍ରମଣ ପରେ ସକାଳ ଓ ସନ୍ଧ୍ୟାରେ ବଙ୍ଗୋପସାଗର ସୌନ୍ଦର୍ଯ୍ୟକୁ ଉପଭୋଗ କରିବେ ବୋଲି କହିଥିଲେ। କେନ୍ଦ୍ରାପଡ଼ା ଉପଜିଲାପାଳ ନିରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜନଗର ଡିଏଫ୍‌ଓ ଡ. ଯଜ୍ଞଦତ୍ତ ପତି ଯୋଗଦେଇ ଭିତରକନିକାକୁ ପରିଭ୍ରମଣରେ ଆସୁଥିବା ପର୍ଯ୍ୟଟକମାନେ ଆଗନ୍ତୁକ ଅଲିଭ ରିଡଲେ କଇଁଛ, ୭ ପ୍ରକାର ଡଲଫିନଙ୍କ ଜଳକ୍ରୀଡା, ରାତ୍ରିଯାପନ ପ୍ରଭୃତି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଇକୋ ରିଟ୍ରିଟ ଶିବିର ଅଧିକ ଆକର୍ଷିତ କରିବ ବୋଲି କହିଥିଲେ। ଉତ୍ସବରେ କେନ୍ଦ୍ରାପଡ଼ା ଅତିରିକ୍ତ ଜିଲାପାଳ ଦୁର୍ଗାପ୍ରସାଦ ମହାରଣା, ପଞ୍ଚାୟତ ସମିତି ଅଧ୍ୟକ୍ଷ ଜୟୀରାମ ସେଠୀ, ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ, ତହସିଲଦାର ଭୋଳାନାଥ ସେଠୀ, ଆଇଆଇସି ତପନ କୁମାର ନାୟକ, ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ରଶ୍ମୀରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଉଦ୍‌ଘାଟନ ଦିବସରେ ଇକୋ ରିଟ୍ରିଟ୍‌ର ସମସ୍ତ ୨୫ଟି କଟେଜ ପର୍ଯ୍ୟଟକମାନେ ପୂର୍ବରୁ ବୁକିଂ କରିଛନ୍ତି।

# ୫ ପର୍ଯ୍ୟାୟରେ ପଞ୍ଚାୟତ ନିର୍ବାଚନ ପାଇଁ ଅଞ୍ଚଳ ଚିହ୍ନଟ

**କେନ୍ଦ୍ରାପଡ଼ା ଅଫିସ, ୧୫।୧୨**

ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ୫ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ଜିଲାର ବିଭିନ୍ନ ଅଞ୍ଚଳକୁ ଚିହ୍ନଟ କରାଯାଇଛି। ଜିଲାପାଳ ଅମୃତ ଋତୁରାଜଙ୍କ ମଙ୍ଗଳବାର ପ୍ରକାଶିତ ଚିଠି (ନଂ. ୧୨୧୦) ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ଆଳି ବ୍ଲକର ୧ରୁ ୪ ନଂ. ଜୋନ ଅଞ୍ଚଳ ସହ ଡେରାବିଶ ବ୍ଲକ ଅଞ୍ଚଳର ୧୨ରୁ ୧୪ ନଂ. ଜୋନ ଅଞ୍ଚଳରେ ନିର୍ବାଚନ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ରାଜକନିକାର ୨୭ରୁ ୨୯ ନଂ. ଜୋନ ଅଞ୍ଚଳ ଓ ମାର୍ଶାଘାଇର ୨୪ରୁ ୨୬ ନଂ. ଜୋନ ଅଞ୍ଚଳକୁ ଚିହ୍ନଟ କରାଯାଇଛି। ତୃତୀୟ ପର୍ଯ୍ୟାୟରେ ପଟ୍ଟାମୁଣ୍ଡାଇ ବ୍ଲକର ୧୫ ନଂ. ଜୋନରୁ ୧୮ ନଂ. ଓ ରାଜନଗର ବ୍ଲକର ୩୦ରୁ ୩୨ ନଂ. ଜୋନ ଅଞ୍ଚଳ ଅଛି। ୪ର୍ଥ ପର୍ଯ୍ୟାୟରେ କେନ୍ଦ୍ରାପଡ଼ା ବ୍ଲକର ୫ରୁ ୮ ନଂ. ଜୋନ ଅଞ୍ଚଳ ଓ ଗରଦପୁର ବ୍ଲକର ୯ରୁ ୧୧ ନଂ. ଜୋନ ଅଞ୍ଚଳରେ ଭୋଟ ଗ୍ରହଣ ହେବ। ଏଥିସହ ୫ମ ପର୍ଯ୍ୟାୟରେ ମହାକାଳପଡ଼ା ବ୍ଲକର ୧୯ରୁ ୨୫ ନଂ. ଜୋନ ଅଞ୍ଚଳରେ ଭୋଟ ଗ୍ରହଣ ହେବ ବୋଲି ଜିଲାପାଳ ଚିଠିରେ ଉଲ୍ଲେଖ କରିଛନ୍ତି।

# ସମାଧାନ ଦାବିରେ ୪ ଘଣ୍ଟା ରେଳରୋକୋ

**ରଘୁନାଥପୁର,୧୫।୧୨(ଡି.ଏନ୍.ଏ.)**

**ଟ୍ରେନ୍‌ଲାଇନ ଯୋଗୁ ଯାତାୟାତ, ପାଣି ନିଷ୍କାସନରେ ଅସୁବିଧା**

ରଘୁନାଥପୁର ବ୍ଲକ କଟକ-ପାରାଦୀପ ରେଳପଥର ଗୁଆଲିପୁରସ୍ଥିତ ବନବିହାରୀ ପାସେଞ୍ଜର ହଲ୍‌ଟଠାରେ ଟ୍ରେନ୍‌ଲାଇନ ଯୋଗୁ ୫ ପଞ୍ଚାୟତବାସୀଙ୍କ ଯାତାୟାତ ଓ ପାଣି ନିଷ୍କାସନରେ ଅସୁବିଧା ହେଉଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ସ୍ଥାନୀୟ ଲୋକେ ୪ ଘଣ୍ଟା ରେଳରୋକୋ କରିଥିଲେ। ଫଳରେ ଟ୍ରେନ ଚଳାଚଳରେ ବ୍ୟାଘାତ ହୋଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଚିକିଣିଆରୁ ଗୁଆଲିପୁର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ଯୋଜନାରେ ରାସ୍ତା ନିର୍ମାଣ କରାଯାଇଛି। ରାସ୍ତାଟି ରେଳ ଲାଇନ ଉପର ଦେଇ ଗ୍ରାମକୁ ସଂଯୋଗ କରୁଛି। ରେଳ ବିଭାଗ ପକ୍ଷରୁ ରାସ୍ତାର ଉଭୟ ପାର୍ଶ୍ୱରେ ଅଳ୍ପ ଉଚ୍ଚର କଂକ୍ରିଟ ପାଚେରି କରାଯାଇଥିବାରୁ ଚାଷ ଜମିକୁ ଟ୍ରାକ୍ଟର ଓ ପାୱାରଟିଲର ନେବାକୁ ଚାଷୀମାନେ ଅସୁବିଧା ଭୋଗୁଛନ୍ତି। ପାଣି ନିଷ୍କାସନ ବାଧାପ୍ରାପ୍ତ ହେଉଛି। ଜିଆରପି ଆଇଆଇସି ୟୁ.କେ. ବିଶ୍ୱାଳ ଓ ଆରପିଏଫ ଆଇଆଇସି ଏଲ.ଏନ୍ ସାହ, ରଘୁନାଥପୁର ଅତିରିକ୍ତ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଲୋକଙ୍କୁ ବୁଝାସୁଝା କରିଥିଲେ। ଏହାପରେ ରେଳରୋକୋ ପ୍ରତ୍ୟାହୃତ ହୋଇଥିଲା। ଏଥିରେ ଜ୍ଞାନରଞ୍ଜନ ପଟ୍ଟନାୟକ, ରବୀନ୍ଦ୍ରନାଥ ସ୍ୱାଇଁ, ଜ୍ୟୋତିରଞ୍ଜନ ପଟ୍ଟନାୟକ, ଅଜିତ ମହାରଣା ପ୍ରମୁଖ ସାମିଲ ହୋଇଥିଲେ।


ଉତ୍ତ୍ୟକ୍ତ ଲୋକେ ରେଳରୋକୋ କରିଛନ୍ତି।

# ଜୱାଦ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲାଇ ଦେଇଛି

**ଡେରାବିଶ,୧୫।୧୨(ସ୍ୱ.ପ୍ର.)**

**କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘ ବାର୍ଷିକ ଉତ୍ସବ**

କେନ୍ଦ୍ରାପଡ଼ା ଜିଲା ଚାଷୀ ଶ୍ରମିକ ସଂଘର ୩୪ ତମ ବାର୍ଷିକ ଉତ୍ସବ ଡେରାବିଶ ବ୍ଲକ ଛତାଠାରେ ଥିବା କୃଷକ ଭବନରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ଶରତ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟକ କୁଳମଣୀ ରାଉତ, ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ସରୋକାନ୍ତ ସାହୁ, ସମ୍ମାନୀତ ଅତିଥି ଭାବେ ରବି ସାମଲ ଓ ମହେନ୍ଦ୍ର କୁମାର ସିଂହ, ବ୍ଲକ ବିଜେଡି ସଭାପତି ଦେବାଶୀଷ ଆଚାର୍ଯ୍ୟ, ସାମାଜିକ କର୍ମୀ ହଳଧର ଦାଶ, ପ୍ରାକ୍ତନ କେନ୍ଦ୍ରାପଡ଼ା ବ୍ଲକ ଅଧ୍ୟକ୍ଷ ପ୍ରଦୀପ୍ତ କୁମାର ମହାନ୍ତି, ଖରସ୍ରୋତା ବଞ୍ଚାଅ ସମିତିର ନେତା ମଙ୍ଗୁଳି ଚରଣ ବେହେରା ଯୋଗଦେଇଥିଲେ। ସେମାନେ କହିଥିଲେ କେନ୍ଦ୍ରାପଡ଼ା କୃଷି ପ୍ରଧାନ ଜିଲା ଭାବେ ପରିଗଣିତ ହେଉଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ଚାଷୀଙ୍କ ମେରୁଦଣ୍ଡକୁ ଦୋହଲାଇ ଦେଇଛି। ଅନ୍ୟମାନଙ୍କ ମଧ୍ୟରେ ସଂଘର ଉପଦେଷ୍ଟା କୁଳମଣୀ ପରିଡା, କାଶୀନାଥ ନାୟକ, ଡ. ପୁଷ୍ପିତା ଜେନା ଯୋଗ ଦେଇଥିଲେ। ବାତ୍ୟା ଜୱାଦ ପ୍ରଭାବରେ ଜିଲାରେ ଲଗାଣ ବର୍ଷା ଯୋଗୁ ବ୍ୟାପକ ଫସଲହାନି ଘଟିଛି। ଏହି ଅବସରରେ କବି ସୌଦାମିନୀ ଦାଶଙ୍କ ଦ୍ୱାରା ଲିଖିତ ଭାବମଞ୍ଜରୀ ପୁସ୍ତକର ଲୋକାର୍ପଣ କରାଯାଇଥିଲା। ପ୍ରଥମେ ସଂଘ ସମ୍ପାଦକ କୃତିବାସ ଦାସ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଜିଲାର ୫ଜଣ ଅଗ୍ରଣୀ ଚାଷୀଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ଗୋରେଖନାଥ ପୀଠ ସମ୍ମୁଖରେ ଧାରଣା

**ରଘୁନାଥପୁର,୧୫।୧୨(ଡି.ଏନ୍.ଏ.)**

ରଘୁନାଥପୁର ବ୍ଲକ ଛପଡା ପଞ୍ଚାୟତର କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠ ଟ୍ରଷ୍ଟବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ କେତେଜଣ ଗ୍ରାମବାସୀଙ୍କ ପକ୍ଷରୁ ବୁଧବାର ଧାରଣା ଦିଆଯାଇଛି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ଟ୍ରଷ୍ଟବୋର୍ଡ ଅଧିକାରୀ ଓ କର୍ମଚାରୀମାନେ ମନମୁଖିଭାବେ କାର୍ଯ୍ୟ କରୁଛନ୍ତି। ନୂତନ ଭାବେ ଗଠନ କରାଯାଇଥିବା ପରାମର୍ଶଦାତା କମିଟି ପାଇଁ କାହା ସହ ଆଲୋଚନା ହୋଇନାହିଁ। ନିୟମାବଳୀକୁ ପାଳନ ନ କରି ଅନ୍ୟାୟ ଭାବେ ଭୋଗ ଓ ଦୀପ ଦୋକାନକୁ ଟେଣ୍ଡର ଦିଆଯାଇଛି। ମନ୍ଦିରରେ କର୍ମଚାରୀଙ୍କ କାର୍ଯ୍ୟପନ୍ଥା ଓ ସମୟ ନିର୍ଘଣ୍ଟ ଠିକ୍ ଭାବେ ହୋଇନାହିଁ । ପୀଠ ପାର୍ଶ୍ୱ ରାସ୍ତାକୁ ଅବରୋଧ କରି ଦୋକାନ କରାଯାଇଛି। ଏସବୁ ସମସ୍ୟାର ସମାଧାନ ନିମନ୍ତେ ୧୨ ଦଫା ଦାବି ନେଇ ପୂର୍ବରୁ ଦେବୋତ୍ତର ଆୟୁକ୍ତ, ଜିଲାପାଳ, ଏସ୍‌ପି ଓ ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାସତ୍ତ୍ୱେ କୌଣସି ସୁଫଳ ନ ମିଳିବାରୁ ସେମାନେ ଧାରଣା ଦେଇଛନ୍ତି ବୋଲି କହିଛନ୍ତି। ଏହି ଧାରଣାରେ ଆଇନଜୀବୀ ଜୀବନବଲ୍ଲଭ ମହାନ୍ତି, ସାମାଜିକ କର୍ମୀ ଦିଲୀପ କୁମାର ସ୍ୱାଇଁ, ସେବାୟତ ଦିଲୀପ ପଣ୍ଡା, ପ୍ରଦୀପ୍ତ ମହାନ୍ତି, ବାଦଲ ଯୋଗଣିଆ, କ୍ଷୀରୋଦ ମହାନ୍ତି, ୱାର୍ଡସଭ୍ୟ ନରେନ୍ଦ୍ର ଦାସ ଓ ନାରାୟଣ ପାତ୍ର, ସୁରେନ୍ଦ୍ର ଦାସ, ରମେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ସାମିଲ ହୋଇଛନ୍ତି।

**କର୍ମଚାରୀଙ୍କ ମନମୁଖି କାର୍ଯ୍ୟ, ପରାମର୍ଶଦାତା କମିଟିକୁ ବିରୋଧ**


ଗ୍ରାମବାସୀ ଗୋରେଖନାଥ ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି।

ଏ ସମ୍ପର୍କରେ ଅତିରିକ୍ତ ଦେବୋତ୍ତର ଆୟୁକ୍ତ ସୁମନ ଜେନା କୁହନ୍ତି, ପ୍ରଭୁଙ୍କ ନୀତିକାନ୍ତି ଓ ମନ୍ଦିର ପରିଚାଳନା ପାଇଁ ଟେଣ୍ଡର ନିୟମାବଳୀ ଅନୁଯାୟୀ ଭୋଗ ଓ ଦୀପ ଦୋକାନକୁ ଭଡ଼ାରେ ଦିଆଯାଇଛି। ଏଥିରେ କୌଣସି ତ୍ରୁଟି ନାହିଁ। ଏହାଛଡା ଅଭିଯୋଗର ୭୦ ପ୍ରତିଶତ ପୂରଣ ହୋଇଥିବାବେଳେ ପରାମର୍ଶଦାତା କମିଟି ଗଠନ ସମ୍ପର୍କିତ ଅଭିଯୋଗର ତଦନ୍ତ ଜିଲାପାଳଙ୍କ ଅଧୀନରେ ଚାଲିଛି।

## ପ୍ରକୃତି ସୁରକ୍ଷା ପାଇଁ ସାଇକେଲ ଯାତ୍ରା

**ପାରାଦୀପ,୧୫।୧୨(ସ୍ୱ.ପ୍ର.)**

ପାରାଦୀପ ବନ୍ଦର ଯନ୍ତ୍ରୀ ତଥା ପରିବେଶବିତ୍ ଅମରେଶ ନରେଶ ସାମନ୍ତ ପ୍ରକୃତି ସୁରକ୍ଷା ପାଇଁ ସୋମବାରଠାରୁ ଭୁବନେଶ୍ୱରରୁ ସାଇକେଲ ଯାତ୍ରା ଆରମ୍ଭ କରିଛନ୍ତି। ରାଜ୍ୟପାଳ ଗଣେଶୀ ଲାଲ ଏହାକୁ ଉଦ୍‌ଘାଟନ କରିଥିଲେ। ବୁଧବାର ନରେଶ ପାରାଦୀପରେ ପହଞ୍ଚିବା ପରେ ଅନେକ ଅନୁଷ୍ଠାନ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ପରେ ସେ କଲିକତାର ଦୀଘା ପାଇଁ ପର୍ଯ୍ୟନ୍ତ ଯାତ୍ରା ଆରମ୍ଭ କରିଛନ୍ତି। ଏହି ଯାତ୍ରା ସମୟରେ ସେ ପ୍ରାୟ ଶହେରୁ ଊର୍ଦ୍ଧ୍ୱ ସ୍କୁଲ ଛାତ୍ରୀଛାତ୍ରଙ୍କୁ ଭେଟିବେ।ଏବଂ ଏକାଧିକ ସଂଗଠନ ଜରିଆରେ ସବୁଜ ଭାରତ ଉପରେ କାର୍ଯ୍ୟ କରିବେ। ସେ ସାଇକେଲ୍‌ରେ ୧୨ ଶହ କିଲୋମିଟର ଯାତ୍ରା କରିବାକୁ ଯୋଜନା ରଖିଛନ୍ତି। ଅମରେଶ ଗତ୨ ଦଶନ୍ଧିରେ ୨୫ରୁ ଊର୍ଦ୍ଧ୍ୱ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରିଛନ୍ତି ଏବଂ ବିଭିନ୍ନ ସମାଜ ସଂସ୍କାର କାମ କରୁଛନ୍ତି।ଏଥିପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ର ଓ ରାଜ୍ୟପାଳ ସମ୍ମାନିତ କରିଛନ୍ତି।

# ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଜେଏସ୍‌ଡବ୍ଲ୍ୟୁର ଘୋଷଣା

**ଜଗତ୍‌ସିଂହପୁର ଅଫିସ, ୧୫।୧୨**

- ରାଶନକାର୍ଡଧାରୀ ପରିବାରକୁ ରୋଜଗାର ମିଳିବ
- ପାନବରଜ ଡେସିମିଲ ପିଛା ୧୭,୫୦୦ ଦିଆଯିବ

ପାରାଦୀପରେ ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ନେଇ କମ୍ପାନୀ ପକ୍ଷରୁ ବିଭିନ୍ନ ଘୋଷଣା କରାଯାଇଛି। ଏହି ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୮ଟି ରାଜସ୍ୱ ଗ୍ରାମ ଯଥା ପୋଲାଙ୍ଗ, ବାୟାନାଳକନ୍ଧ, ଜଟାଧାର, ନୂଆଗାଁ, ଗୋବିନ୍ଦପୁର, ପାଟଣା, ଢିଙ୍କିଆ ଓ ମାହାଳରେ ଜମି ଅଧିଗ୍ରହଣ ଉପରେ ଗୁରୁତ୍ୱାରୋପ କରାଯାଇଛି। ଅଞ୍ଚଳର ରାଶନକାର୍ଡଧାରୀ ପରିବାରଗୁଡ଼ିକୁ ରୋଜଗାର ଯୋଗାଇ ଦେବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ବୋଲି ଏକ ପ୍ରେସ୍ ଇସ୍ତାହାରରେ ଦର୍ଶାଯାଇଛି। ରାଶନକାର୍ଡଧାରୀ ପରିବାର ସେମାନଙ୍କ ମଧ୍ୟରୁ ୨୦ରୁ ୩୨ ବର୍ଷ ବୟସର ଜଣଙ୍କୁ ରୋଜଗାର ପାଇଁ ମନୋନୀତ କରିବେ। ସେମାନଙ୍କୁ ଗ୍ରୁପ୍ କମ୍ପାନୀ/ଆସୋସିଏଟ୍ କମ୍ପାନୀ/କଣ୍ଟ୍ରାକ୍ଟର/ପ୍ରୋଜେକ୍ଟ/ପ୍ରକଳ୍ପ ମାଧ୍ୟମରେ ଭାରତର ଯେ କୌଣସି ସ୍ଥାନରେ ନିଯୁକ୍ତି ପ୍ରଦାନର ସୁଯୋଗ ଦିଆଯିବ। ସମ୍ପ୍ରତି ପ୍ରକଳ୍ପ ଅଞ୍ଚଳରେ ଜଙ୍ଗଲ ରକ୍ଷଣାବେକ୍ଷଣ କରୁଥିବା ଜଙ୍ଗଲ କମିଟିରେ ସଦସ୍ୟ (ରାଶନକାର୍ଡଧାରୀ ପରିବାର) ଏକକାଳୀନ ୫୦,୦୦୦ ଟଙ୍କା ପାଇପାରିବେ। ଗୋଟିଏ ରାଶନକାର୍ଡଧାରୀ ପରିବାରରୁ ଜଣଙ୍କୁ ଏହି ରାଶି ପ୍ରଦାନ କରାଯିବ। ସ୍ୱୀକୃତିପ୍ରାପ୍ତ ଚିଙ୍ଗୁଡି ଘେରିକୁ ଏକର ପିଛା ୨.୫ ଲକ୍ଷ ଟଙ୍କା ସହାୟତା ଦିଆଯିବ। ସରକାରଙ୍କ ଦ୍ୱାରା ଧାର୍ଯ୍ୟ ନିୟମ ଓ ବିଜ୍ଞପ୍ତି ଅନୁସାରେ ଫଳଗଛ କ୍ଷତିଗ୍ରସ୍ତ ବ୍ୟକ୍ତିଙ୍କୁ ସହାୟତା ମିଳିବ। ଜମି ଅଧିଗ୍ରହଣ ଗ୍ରାମର ଯେଉଁ ପରିବାରଗୁଡ଼ିକ ପାନବରଜ ବାବଦରେ କ୍ଷତିପୂରଣ ପାଇନାହାନ୍ତି ଓ ପୂର୍ବ ପ୍ରକଳ୍ପଠାରୁ ବରଜ ଶ୍ରମିକ ଭାବେ କ୍ଷତିପୂରଣ ପାଇନାହାନ୍ତି କେବଳ ସେହି ପରିବାରକୁ ୮୮,୦୦୦ ଟଙ୍କା ୨ଟି ପର୍ଯ୍ୟାୟରେ ଦିଆଯିବ। ପାନ ବରଜ ଡେସିମିଲ ପ୍ରତି ୧୭,୫୦୦ ଟଙ୍କା ଦିଆଯିବା ପାଇଁ ବ୍ୟବସ୍ଥା ହେବ। ଗାଁରେ ଉଚ୍ଛେଦ ଘୋଷଣା ହେବାର ୧୫ ଦିନ ଭିତରେ ଯେଉଁମାନେ ପାନବରଜ ଭାଙ୍ଗିବେ, ସେମାନଙ୍କୁ ନୂଆ ବରଜ କରିବା ପାଇଁ ୫୦ ହଜାର ଟଙ୍କା ହିସାବରେ ବୋନସ୍ ଦିଆଯିବ। ପୂର୍ବରୁ ଡେସିମିଲ ପିଛା ୧୧,୫୦୦ ଟଙ୍କା ପାଇଥିବା ପାନ ବରଜ ମାଲିକମାନଙ୍କୁ ଅତିରିକ୍ତ ୬,୦୦୦ ଟଙ୍କା ହିସାବରେ ବୋନସ୍ ଦିଆଯିବ। କିନ୍ତୁ ପ୍ରକଳ୍ପ ଜମିରୁ ସମସ୍ତ ପାନବରଜ ଭଙ୍ଗାଯିବା ପରେ ଅଥବା ପାଚେରି କାମ ସରିବା ପରେ (ଯାହା ବିଳମ୍ବରେ ହେବ) ଏହି ରାଶି ପ୍ରଦାନ କରାଯିବ। ସମସ୍ତ ପ୍ରକାର ଆର୍ଥିକ ସହାୟତା ହିତାଧିକାରୀଙ୍କ ନାମରେ ଚେକ୍ ମାଧ୍ୟମରେ କିମ୍ବା ବ୍ୟାଙ୍କ ଜରିଆରେ ଦିଆଯିବ ବୋଲି ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଭାଜପା ୨୭ ନଂ.ଜୋନ୍‌ସ୍ତରୀୟ ସାଙ୍ଗଠନିକ ବୈଠକ

**ଦିଗପହଣ୍ଡି,୧୫।୧୨(ଡି.ଏନ.ଏ.):** ଦିଗପହଣ୍ଡି ବ୍ଲକ ୨୭ ନଂ. ଜିଲା ପରିଷଦ ଜୋନ୍ ଅନ୍ତର୍ଗତ ପାଣ୍ଡରାପଡା ନୀଳକଣ୍ଠେଶ୍ୱର ଶୈବପୀଠ ପ୍ରାଙ୍ଗଣରେ ବୁଧବାର ଅନୁଷ୍ଠିତ ସାଙ୍ଗଠନିକ ବୈଠକରେ ଭାଜପା ନେତାମାନେ ଉପସ୍ଥିତ କର୍ମୀମାନଙ୍କ ମଧ୍ୟରେ ଆତ୍ମ ବିଶ୍ୱାସ ସୃଷ୍ଟି କରିଛନ୍ତି। ତା ସହିତ ଆସନ୍ତା ନିର୍ବାଚନ ପାଇଁ ବର୍ତ୍ତମାନ୍ ଠାରୁ ପ୍ରସ୍ତୁତ ରହିବାକୁ ଭାଜପା ନେତା ଉତ୍ତମ କୁମାର ପାଣିଗ୍ରାହୀ କର୍ମୀମାନଙ୍କୁ ଆହ୍ୱାନ୍ ଦେଇଛନ୍ତି। ଭାଜପାର ବରିଷ୍ଠ କର୍ମୀ ସନ୍ତୋଷ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ଜୋନ୍ ଅନ୍ତର୍ଗତ ୫ ପଞ୍ଚାୟତର ଛାମୁଆ କର୍ମୀମାନେ ବୈଠକରେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ଉପସଭାପତି ପରେଶ ଚନ୍ଦ୍ର ରଥ, ଶୁଭେନ୍ଦୁ ପାଢୀ, ମନୋଜ କୁମାର ପଣ୍ଡା, ପ୍ରଦୀପ କୁମାର ଦାସ, ଶୁଭ୍ରାଂଶୁ ପ୍ରଧାନ, ବାବୁରାମ ପ୍ରଧାନ, ଅନୀଲ୍ ମିଶ୍ର, ରଘୁନାଥ ସାମନ୍ତରାୟ, ସୁରେଶ ଚନ୍ଦ୍ର କବି, ବାଳକୃଷ୍ଣ ପାତ୍ର, ବାବୁଲା ବିଷୋୟୀ, ଯୋଗି ରେଡ୍ଡୀ, ଜନାର୍ଦ୍ଦନ ପ୍ରଧାନ ପ୍ରମୁଖ ଏହି ସାଙ୍ଗଠନିକ ବୈଠକରେ ଯୋଗ ଦେଇଥିଲେ।

### ମିଶନ ଶକ୍ତି ଋଣମେଳା

**ଗୋଷାଣୀ,୧୫।୧୨:** ଗଜପତି ଜିଲା ଗୋଷାଣୀ ବ୍ଲକରେ ବୁଧବାର ମିଶନ ଶକ୍ତି ଋଣ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଜପତି ପିଡି ଡିଆରଡିଏ ଅନାମ ଚରଣ ପାତ୍ର, ଗଜପତି ଏଲଡିଏମ କିଶୋର ଚନ୍ଦ୍ର ନାୟକ, ଗୋଷାଣୀ ବିଡିଓ ନୀଳମାଧବ ମାଝୀ ଓ ଡିପିଏମ୍ ଓଏଲମ୍ ଗଜପତି ପରମାନନ୍ଦ ବିଷୋୟୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଗୋଷାଣୀ ବ୍ଲକ ବିପିଏମ୍ ମମତା ରାହୁଲ, ସମସ୍ତ ବ୍ୟାଙ୍କର ଅଧିକାରୀ, ମହିଳା ଗ୍ରୁପର ସିଆରପି ଉପସ୍ଥିତ ଥିଲେ। ସମସ୍ତ ମହିଳା ଗ୍ରୁପର ସଭାପତି ଓ ମହିଳା ସଂଗଠନ ମହାସଂଘ ସଭାପତି ତଥା ଅନ୍ୟାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ। ଏହା ସହିତ ସମସ୍ତ ଏସଓଜି ସଂଘ ମାନଙ୍କୁ ବ୍ୟାଙ୍କଗୁଡ଼ିକ ଦ୍ୱାରା ଏକ କୋଟି ୮୦ ଲକ୍ଷ ୬୦ ହଜାର ଋଣ ପ୍ରଦାନ କରାଯାଇଥିଲା।

### ଲଘୁଚାପ ଜନିତ ଲଗାଣ ବର୍ଷାରେ କ୍ଷତିପୂରଣ ନେଇ ତହସିଲଦାରଙ୍କୁ ସ୍ମାରକପତ୍ର

**ଆର.ଉଦୟଗିରି,୧୫।୧୨(ଡି.ଏନ.ଏ.):** ଗଜପତି ଜିଲା ନୂଆଗଡ ବ୍ଲକରେ ଲଘୁଚାପଜନିତ ଲଗାଣ ବର୍ଷାରେ ଉପଯୁକ୍ତ କ୍ଷତିପୂରଣ ଦାବିରେ ମଙ୍ଗଳବାର ଓଡ଼ିଶା କୃଷକ ସଂଘର ସଦସ୍ୟ ଦଣ୍ଡପାଣି ରଇତଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ତହସିଲଦାର ଆଶିଷ ପ୍ରଧାନଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ନୂଆଗଡ ବ୍ଲକରେ ଲଘୁଚାପଜନିତ ବର୍ଷାରେ ଚାଷୀମାନଙ୍କ ଧାନ, ମକା ଓ ଶସ୍ୟଜାତୀୟ ଫସଲ ନଷ୍ଟ ହୋଇଥିବାରୁ ଚାଷୀ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ଉପଯୁକ୍ତ କ୍ଷତିପୂରଣ ଦାବି କରିଛି ସଂଘ। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମାଧ୍ୟମରେ ଠିକ୍ ଆକଳନ ସହ ତଦନ୍ତ କରିବା ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। କୃଷିଋଣ ଛାଡ଼, ଚାଷୀମାନଙ୍କୁ ବିନା ସୁଧରେ ଋଣ ଯୋଗାଇବା ଓ ମାଗଣାରେ ବିଭିନ୍ନ ସାର ଓ କୀଟନାଶକ ଇତ୍ୟାଦି ଯୋଗାଇ ଦେବା ପାଇଁ ସଂଘ ପକ୍ଷରୁ ଦାବି ଜଣାଯାଇଥିଲା। ଏହି ଅବସରରେ ବ୍ଲକ ସଭାପତି ସୁନମ ମଣ୍ଡଳ, ଜୁନେଶ୍ ଦଳବେହେରା, ଜିରିମୀୟ ରଇତଙ୍କ ସହ ସଂଘର ଶତାଧିକ ସଦସ୍ୟ ଉପସ୍ଥିତ ଥିଲେ।

### ରାସ୍ତା, ଡ୍ରେନ୍ ନିର୍ମାଣ ନହେଲେ ଆନ୍ଦୋଳନ

**ପୁରୁଷୋତ୍ତମପୁର,୧୫।୧୨(ଡି.ଏନ.ଏ.):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଏନ୍‌ଏସିର ବିଭିନ୍ନ ୱାର୍ଡର ସାହି ବସ୍ତିରେ ରାସ୍ତାଘାଟ ସହ ଡ୍ରେନ୍ ଭାଙ୍ଗି ରୁଜି ପଡିଥିବା ବେଳେ କେତେକ ସାହିରେ ରାସ୍ତା କି ଡ୍ରେନ୍ ନ ଥିବାରୁ ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏପରିକି ରାସ୍ତାଗୁଡ଼ିକ ଭାଙ୍ଗି ଦୀର୍ଘ ବର୍ଷ ହେଲା ପଡି ରହିଥିବା ହେତୁ ବାରମ୍ବାର ଦୁର୍ଘଟଣାମାନ ଘଟୁଛି । ରୋଗୀ ଓ ଗର୍ଭବତୀମାନେ ଆମ୍ବୁଲାନ୍ସରେ ଯିବାରେ ଘୋର ଅସୁବିଧା ହେଉଛି। ଏନ୍‌ଏସିର କାଉନସିଲ ବଡି ନ ଥିବା ବେଳେ ଏହାକୁ ନେଇ ଏନ୍‌ଏସି ପ୍ରଶାସନ ଠାରେ ସହରବାସୀ ବାରମ୍ବାର ଅଭିଯୋଗ କରିବା ସହ ଏପରିକି ଖଲ୍ଲିକୋଟ ବିଧାୟିକାଙ୍କ ନିକଟରେ ମଧ ଅଭିଯୋଗ କରିଥିଲେ ସୁଦ୍ଧା ଏଥିପ୍ରତି କେହିହେଲେ ଗୁରୁତ୍ୱ ଦେଉନାହାନ୍ତି। ଏହାକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦରେ ବୁଧବାର ସହରବାସୀ ରାସ୍ତା ଓ ଡ୍ରେନ୍ ନିର୍ମାଣ ଓ ମରାମତି ଦାବିରେ ଏକ ସ୍ମାରକପତ୍ର ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିରେ କନିଷ୍ଠ ଯନ୍ତ୍ରୀ ରାମଚନ୍ଦ୍ର ପେଙ୍ଗୁଆଙ୍କୁ ପ୍ରଦାନ କରିଛନ୍ତି।

# ଡାଏଲେସିସ୍ ସେଣ୍ଟରରେ ତାଲା

- ଅପେକ୍ଷା କରି ଫେରିଲେ କିଡ୍‌ନୀ ରୋଗୀ
- ବାରମ୍ବାର ଅଚଳ ହେଉଛି ଆରୋ ମେଶିନ୍
- ସ୍ଥାୟୀ ପ୍ରତିକାର ହେଉ ନଥିବାରୁ ଅସନ୍ତୋଷ

**ନୟାଗଡ଼ ଅଫିସ,୧୫।୧୨**



ଡାଏଲେସିସ୍ ସେଣ୍ଟର ବନ୍ଦ ରହିଛି।

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟର ଡାଏଲେସିସ୍ ସେଣ୍ଟରରେ ବୁଧବାର ତାଲା ଝୁଲୁଥିଲା । ଡାଏଲେସିସ୍ ପାଇଁ ଆସିଥିବା କିଡ୍‌ନୀ ଓ କ୍ୟାନସର ରୋଗୀମାନେ ବହୁ ସମୟ ଧରି ଅପେକ୍ଷା କରିବା ପରେ ଘରକୁ ଫେରିଥିଲେ । ଡାଏଲେସିସ୍ ସେଣ୍ଟରରେ ତାଲା ପକାଇବାର କାରଣ କ'ଣ ରୋଗୀ ଜାଣି ନ ପାରି ବୁଧବାର ହଇରାଣ ହୋଇଥିଲେ । ତୁରନ୍ତ ଏ ସଂକ୍ରାନ୍ତରେ ପଦକ୍ଷେପ ନିଆଯାଉ ବୋଲି ରୋଗୀମାନେ ନିବେଦନ କରିଛନ୍ତି । ଡାଏଲେସିସ୍ ସେଣ୍ଟରରେ ଅଧିକାଂଶ ସମୟ ଆରୋ ମେଶିନ୍ ଅଚଳ ହୋଇପଡୁଛି। ପାଣିରେ ଅଧିକ ମିନେରାଲ୍ ଥିବାରୁ ଆରୋ ମେଶିନ୍ କାମ କରୁ ନ ଥିବା ବିଭାଗୀୟ କର୍ମଚାରୀମାନେ ସଫେଇ ଦେଇଛନ୍ତି। ତେବେ ଆରୋ ମେଶିନ୍ କିପରି କାର୍ଯ୍ୟକ୍ଷମ ରହିବ ଓ ରୋଗୀମାନେ ଉପଯୁକ୍ତ ସେବା ପାଇ ପାରିବେ ସେଥିପ୍ରତି ସ୍ଥାୟୀ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି କରାଯାଇଛି।

ଅଭିଯୋଗ ଅନୁଯାୟୀ, ଡାଏଲେସିସ୍ ସେଣ୍ଟର ପିପିପି ମୋଡ୍‌ରେ ଚାଲିଛି । ଏହାକୁ ଏକ ଘରୋଇ କମ୍ପାନୀ ନେଇ କିଡ୍‌ନୀ ଓ କ୍ୟାନସର ରୋଗୀଙ୍କୁ ଡାଏଲେସିସ୍ କରୁଛି । ଏଥିପାଇଁ ସମ୍ପୃକ୍ତ କମ୍ପାନୀ ସରକାରଙ୍କଠାରୁ ପ୍ରତି ମାସରେ ୭ରୁ ୮ ଲକ୍ଷ ନେଉଛନ୍ତି । ଡାଏଲେସିସ୍ ପାଇଁ ଅଧିକ ପାଣି ଦରକାର। ଡାଏଲେସିସ୍ କେନ୍ଦ୍ର ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ତରଫରୁ ୨ଟି ବୋରୱେଲ ରହିଛି । ବୋରୱେଲରୁ ବାହାରୁଥିବା ପାଣିରେ ଅଧିକ ମିନେରାଲସ୍ ଅଛି । ଏହି ମିନେରାଲସ୍‌କୁ ଆରୋମେଶିନ୍ ଛାଣି ଡିଷ୍ଟିଲ ୱାଟର କରୁଛି । ଅଧିକ ମିନେରାଲସ୍ ଯୋଗୁ ବାରମ୍ବାର ଆରେମେଶିନ୍ ଅଚଳ ହୋଇପଡୁଛି । ଆରେମେଶିନ୍ ଅଚଳ ହେବା ପରେ ଘରୋଇ କମ୍ପାନୀ କିଛି ଦିନ କାମ ବନ୍ଦ କରି ଦେଉଛି । ଅନ୍ୟପକ୍ଷେ ଡାଏଲେସିସ୍ କେନ୍ଦ୍ରକୁ ଆସୁଥିବା ରୋଗୀଙ୍କ ପାଇଁ ପାଣି ପର୍ଯ୍ୟାପ୍ତ ହେଉ ନ ଥିବା କମ୍ପାନୀ ପକ୍ଷରୁ ଅଭିଯୋଗ କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ଘରୋଇ କମ୍ପାନୀର ଯୁକ୍ତିକୁ ଏଡାଇ କୁହାଯାଉଛି, ପ୍ରତିମାସରେ ଲକ୍ଷାଧିକ ଟଙ୍କା ନେଉଥିଲେ ମଧ୍ୟ ପାଣି ଛାଣିବା କାର୍ଯ୍ୟରେ କମ୍ପାନୀ ଜାଣିଶୁଣି ଅଣଦେଖା କରୁଛି । ନିଜର ତ୍ରୁଟି ସଂଶୋଧନ ନ କରି ଜିଲା ଚିକିତ୍ସାଳୟ ଉପରେ ଦୋଷ ଲଦି ଖସି ଯାଉଛି । ଏନେଇ କେତେଜଣ ରୋଗୀ ନିଜ ନାମ ଗୋପନ ରଖି କହିଛନ୍ତି, ମୁହଁ ଖୋଲିଲେ ଆମକୁ ସେବା ମିଳିବନି । ଭୁଲ ଯାହାର ହେଉ ରୋଗୀ କିପରି ଭଲରେ ଚିକିତ୍ସା ସୁବିଧା ପାଇବେ ସେଥିପାଇଁ ଚେଷ୍ଟା କରାଯାଉନାହିଁ । ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକ କହୁଛନ୍ତି, କ୍ୟାନସର ଓ କିଡ୍‌ନୀ ରୋଗୀଙ୍କ ପାଇଁ କିଛି ଅସୁବିଧା ନାହିଁ। ହେଲେ ରୋଗୀ କିପରି ହଟହଟା ହେଉଛନ୍ତି ତାର ନିରାକରଣକୁ କେହି ଗୁରୁତ୍ୱ ଦେଉ ନାହାନ୍ତି। ଆମେ ଆଉ କେତେଦିନ ହଇରାଣ ହେବୁ , ଏହାର ସ୍ଥାୟୀ ସମାଧାନ ହେବା ଦରକାର । ସିଡିଏମ୍‌ଓ ଶକ୍ତି ପ୍ରସାଦ ମିଶ୍ର କୁହନ୍ତି, ଆରୋ ମେଶିନ୍‌ର ମେମ୍ବ୍ରେସର ଖରାପ କାରଣରୁ ଘରୋଇ କମ୍ପାନୀ କାହାକୁ କିଛି ନ ଜଣାଇ ଡାଏଲେସିସ୍ କେନ୍ଦ୍ରରେ ତାଲା ଝୁଲାଇ ଦେଇଛି । ଖୁବ୍‌ଶୀଘ୍ର ଏହାର ମରାମତି କରି ଡାଏଲେସିସ୍ ସେଣ୍ଟର ଖୋଲିବାକୁ କୁହାଯାଇଛି । ଅନ୍ୟପକ୍ଷେ ନୟାଗଡ଼ ପାଣିରେ ମିନେରାଲସ୍ ଅଧିକ ପରିମାଣର ରହୁଛି। ପାଣି ଛାଣିବାର ବ୍ୟବସ୍ଥା କରିବା ଘରୋଇ କମ୍ପାନୀର କାମ। ନିଜେ ପାଣି ଛାଣିବାକୁ ସ୍ଥାୟୀ ବ୍ୟବସ୍ଥା ନ କରି ଜିଲା ମୁଖ୍ୟ ଚିକିତ୍ସାଳୟ ଉପରେ ଦୋଷ ଲଦି ଖସି ଯିବା ଠିକ୍ ନୁହେଁ । କାରଣ ସରକାର ପ୍ରତି ମାସରେ ଲକ୍ଷାଧିକ ଟଙ୍କା ବ୍ୟୟ କରୁଛନ୍ତି । ଅନ୍ୟପକ୍ଷେ ମିନେରାଲସ୍ ସମସ୍ୟା ସମାଧାନ ପାଇଁ ମହାନଦୀରୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପାଣି ଯୋଗାଇବାର ବ୍ୟବସ୍ଥା କରାଯିବାକୁ ଚେଷ୍ଟା ଜାରି ରହିଛି। ଏଥିପାଇଁ ୩୮ ଲକ୍ଷ ୬୫ ହଜାର ୮୦୦ ଟଙ୍କାରେ ଏକ ବଜେଟ୍ ପ୍ରସ୍ତୁତ କରାଯାଇ ସରକାରଙ୍କଠାରୁ ଅନୁମତି ପାଇଁ ପଠାଯାଇଛି । ମହାନଦୀରୁ ପାଣି ଆସିଲେ ୨ଟି ସମ୍ କରାଯିବ। ଗୋଟିଏରେ ପାଣି ଷ୍ଟକ୍ ରହିବ, ଅନ୍ୟଟିରେ ପାଣି ପୂରଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି ।

### ବଳାତ୍କାର ମାମଲାରେ ୧୦ ବର୍ଷ କାରାଦଣ୍ଡ

**ବାଲିଗୁଡା,(ଡି.ଏନ୍.ଏ.)**

ବାଲିଗୁଡା ଅତିରିକ୍ତ ଜିଲା ଦୌରାଜଜ୍ ଦିଲୀପ କୁମାର ବିଶ୍ୱାଳ ଏକ ବଳାତ୍କାର ମାମଲାର ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତିକରି ଅଭିଯୁକ୍ତଙ୍କୁ ୧୦ ବର୍ଷ କାରାଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଲେ ବାଲିଗୁଡ଼ା ଥାନା ଅଞ୍ଚଳର ସୁଜିତ କୁମାର ନାୟକ। ପ୍ରକାଶ ଯେ, ୨୦୧୫ ମସିହାରେ ସୁଜିତ ତାଙ୍କ ଗ୍ରାମର ଜଣଙ୍କୁ ବଳାତ୍କାର କରିଥିଲେ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିଲା । ବାଲିଗୁଡା କୋର୍ଟରେ ନଂ.୧୧୯/୧୫ରେ ମାମଲା ରେଜିଷ୍ଟି ହୋଇ ବିଚାର ଚାଲିଥିଲା । ଉକ୍ତ ମାମଲାରେ ଶୁଣାଣି କରି ବିଚାରପତି କାରାଦଣ୍ଡାଦେଶ ଦେଇଥିବା ସରକାରୀ ଓକିଲ ସୁଧାଂଶୁ ମୋହନ ପତି ସୂଚନା ଦେଇଛନ୍ତି।

### କନ୍ଧମାଳକୁ ରେଳ ସଂଯୋଗ ଦାବି ଦୋହରାଇଲେ ଏମ୍‌ପି

**ଫୁଲବାଣୀ ଅଫିସ, ୧୫।୧୨**

କନ୍ଧମାଳ ଜିଲାକୁ ରେଳ ସଂଯୋଗ ନେଇ କନ୍ଧମାଳ ଏମ୍‌ପି ଅଚ୍ୟୁତ ସାମନ୍ତ ସଂସଦରେ ବାରମ୍ବାର ଦାବି କରି ଆସୁଛନ୍ତି। ଏମ୍‌ପି ବୁଧବାର ପୁଣିଥରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଭେଟି ଏହି ଦାବି ଦୋହରାଇଛନ୍ତି। ସାମନ୍ତ ସୌଜନ୍ୟମୂଳକ ସାକ୍ଷାତ ଅବସରରେ ରେଳମନ୍ତ୍ରୀଙ୍କୁ କନ୍ଧମାଳକୁ ରେଳ ସଂଯୋଗୀକରଣର ଆବଶ୍ୟକତା ଉପରେ ସମ୍ପୂର୍ଣ୍ଣ ଭାବେ ଅବଗତ କରିଥିଲେ । ଜିଲାର ୧୦୯୪ ଗ୍ରାମରେ ୪ଜି ମୋବାଇଲ ଟାୱାର ବସାଇବାକୁ ପଦକ୍ଷେପ ନେଇଥିବାରୁ ମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ । ରେଳ ସଂଯୋଗୀକରଣ ଉପରେ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

## କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ ପାଇଁ ଦାବିପତ୍ର

**ଖଣ୍ଡପଡ଼ା,୧୫।୧୨(ସ୍ୱ.ପ୍ର.)**


ଖଣ୍ଡପଡ଼ା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ସାମୁଦ୍ରିକ ବାତ୍ୟା ଜୱାଦର ପ୍ରଭାବ ଜନିତ ଲଗାଣ ବର୍ଷାରେ ଖଣ୍ଡପଡ଼ା ଅଞ୍ଚଳର ହଜାରରୁ ଊର୍ଦ୍ଧ୍ୱ ଚାଷୀ ପରିବାର କ୍ଷତିଗ୍ରସ୍ତ ହୋଇଛନ୍ତି । ସେମାନଙ୍କୁ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇ କ୍ଷତିପୂରଣ ରାଶି ତୁରନ୍ତ ପ୍ରଦାନ କରାଯାଉ ବୋଲି ରାଜ୍ୟ ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଦାବି କରାଯାଇଛି । ସଙ୍ଗଠନର ନୟାଗଡ଼ ଜିଲା ସଂଯୋଜିକା ମମତା ନାଥଙ୍କ ନେତୃତ୍ୱରେ ସହ ସଂଯୋଜକ ରଣଜିତ୍ ଦଳବେହେରା, ସଦସ୍ୟ ଅଭିମନ୍ୟୁ ଗୁମାନସିଂ, ପ୍ରସନ୍ନ ପ୍ରଧାନ, ଅଜୟ ମହାନ୍ତି, ପ୍ରଦୀପ ସୁବୁଦ୍ଧି, ଚକ୍ରଧର ନାଏକ, ସୁରେଶ ଦାସ, ତ୍ରିନାଥ ନାୟକ ସମେତ ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ଚାଷୀମାନେ ଖଣ୍ଡପଡ଼ା ତହସିଲଦାର ପାର୍ଥ ସାରଥୀ ହାଁସଦାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । କ୍ଷତିଗ୍ରସ୍ତ ଚାଷୀମାନଙ୍କ ସମ୍ପୂର୍ଣ୍ଣ ଋଣ ଛାଡ଼ କରିବା, ଆସନ୍ତା ବର୍ଷକ ପାଇଁ ପ୍ରତିମାସରେ ଚାଷୀ ପରିବାରକୁ ୧୦ ହଜାର ଟଙ୍କା ସହାୟତା ପ୍ରଦାନ ନିମନ୍ତେ ସଙ୍ଗଠନ କର୍ମକର୍ତ୍ତା ଦାବି କରିଛନ୍ତି।

ସୂଚନାଯୋଗ୍ୟ, ଧାନ ଅମଳ ସମୟରେ ଲଗାଣ ବର୍ଷା ଯୋଗୁ ଚାଷୀମାନେ ଜମିରୁ ଧାନ ଅମଳ କରିପାରି ନ ଥିଲେ । ପାଚିଲା ଧାନ ପାଣିରେ ଭିଜି ଗଜା ବାହାରିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ନୟାଗଡ଼ ଜିଲାପାଳ ଓ ରାଜ୍ୟ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସଙ୍ଗଠନର ସଦସ୍ୟମାନେ ଦାବି କରିଛନ୍ତି।

## ରକ୍ତଚନ୍ଦନ କାଠ ଜବତ

**ପାରଳାଖେମୁଣ୍ଡି, ୧୫।୧୨ (ଡି.ଏନ୍.ଏ.)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିରୁ ବୁଧବାର ବହୁ ପରିମାଣର ରକ୍ତ ଚନ୍ଦନ କାଠ ଜବତ କରାଯାଇଛି। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଲିସ, ବନ ବିଭାଗ ଓ ଅବକାରୀ ବିଭାଗ ମିଳିତ ଭାବେ ପାରଳାଖେମୁଣ୍ଡି ବାଳିକା ବିଦ୍ୟାଳୟ ରାସ୍ତାରେ ଥିବା ଜି. ରାମାରାଓଙ୍କ ଘରେ ଚଢାଉ କରିଥିଲେ। ସେଠାରୁ ଛୋଟବଡ ମୋଟ ୯୫ଖଣ୍ଡ ରକ୍ତ ଚନ୍ଦନ କାଠଗଣ୍ଡି ମିଳିଥିଲା। ଉକ୍ତ କାଠଗୁଡିକୁ ମାଜିଷ୍ଟ୍ରେଟ ଭାବେ ତହସିଲଦାର ଅଚ୍ୟୁତାନନ୍ଦ ଜାନିଙ୍କ ଉପସ୍ଥିତରେ ଜବତ କରାଯାଇଛି। ଉକ୍ତ ଚନ୍ଦନ କାଠର ଆନୁମାନିକ ମୂଲ୍ୟ ୧ କୋଟିରୁ ଊର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ସୂଚନା ଦେଇଛି। ଏ ନେଇ ଏକ ମାମଲା ରୁଜୁ ହୋଇଥିବା ବନ ବିଭାଗ ଅଧିକାରୀ ସଂଗ୍ରାମ କେଶରୀ ବେହେରା କହିଛନ୍ତି । ଅନ୍ୟପକ୍ଷରେ ଜବତ ସମସ୍ତ ଚନ୍ଦନ କାଠରେ ବନ ବିଭାଗର ନମ୍ବର ପଡ଼ିଥିବା ଦେଖିବାକୁ ମିଳିଛି। ସେଗୁଡ଼ିକୁ ବ୍ୟବସାୟୀ ଜଣକ ୨୦/୨୫ ବର୍ଷ ତଳେ ନାରାୟଣପୁର ଓ ଲାବନ୍ୟଗଡ ବନ ବିଭାଗଠାରୁ ନିଲାମ ପ୍ରକ୍ରିୟାରେ କିଣିଛନ୍ତି। ଏ ସଂକ୍ରାନ୍ତ ସମସ୍ତ କାଗଜପତ୍ର ବ୍ୟବସାୟୀଙ୍କ ପାଖରେ ଅଛି। ଉଚିତ ଦର ମିଳୁ ନଥିବାରୁ ଉକ୍ତ କାଠଗୁଡ଼ିକୁ ବିକ୍ରି କରିପାରୁ ନ ଥିଲେ ବୋଲି ବ୍ୟବସାୟୀ ରାମାରାଓ କହିଛନ୍ତି।

## ୧୨୦ ବର୍ଷରେ ଭଉଁରି ଚଳଚଞ୍ଚଳ



**ନୟାଗଡ଼ ଅଫିସ,୧୫।୧୨**

ନୟାଗଡ଼ ବ୍ଲକ ଦେଉଳପଲ୍ଲୀ ଗାଁର ଶତାୟୁ ବୃଦ୍ଧା ଭଉଁରି ନାୟକ। ବୟସ ଡେଇଁଲାଣି ୧୨୦ବର୍ଷ। ହେଲେ ଅନ୍ୟ ଉପରେ ନିର୍ଭରଶୀଳ ନ ହୋଇ ନିଜ କାମ ନିଜେ ସେ କରୁଛନ୍ତି। ବୃଦ୍ଧାଙ୍କ ଚାଲି ଚଳଣୀଙ୍କୁ ଦେଖିଲେ ବୟସ ସତେ ଯେପରି ତାଙ୍କ ପାଖରେ ହାର ମାନି ଥିବା ପରି ଜଣା ପଡୁଛି। ପୁଣି ନାତିନାତୁଣୀ, ପଡୋଶୀଙ୍କୁ ଗପ ଓ ଢଗ ଢମାଳି ଶୁଣାଇ ଖୁସି ହେଉଛନ୍ତି। ସେ ଏବେ ଅଣନାତି, ପଣନାତି ପରେ ନିଜର ଚାରିପିଢ଼ିଙ୍କୁ ଦେଖିଲେଣି। ଭଉଁରୀଙ୍କ ପରିବାର କହିଲେ ଦୁଇ ପୁଅ, ୭ ନାତିନାତୁଣୀ, ଚାରିଜଣ ଅଣନାତି ଓ ପାଞ୍ଚ ଜଣ ପଣନାତି ସାଙ୍ଗକୁ ପଣ ନାତୁଣୀଙ୍କର ୩ ଟି ସନ୍ତାନ ସନ୍ତତି ରହିଛନ୍ତି। ପ୍ରକାଶ ଥାଉକି ଆଧୁନିକ ଜୀବନଶୈଳୀରେ ମଣିଷର ଆୟୁଷ ଦିନକୁ ଦିନ କମି କମି ଆସୁଥିବା ବେଳେ ୧୨୦ବର୍ଷ ବୟସ ଯାଏଁ ଜୀବିତ ରହିବା ସହ ନିଜର ଦୈନନ୍ଦିନ କାର୍ଯ୍ୟ ପାଇଁ ଅନ୍ୟ କାହା ଉପରେ ନିଭର ନ କରିବା ସ୍ଥାନୀୟ ଅଞ୍ଚଳରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି।

## ସର୍ବପୁରାତନ ବିଦ୍ୟାଳୟକୁ ଅଣଦେଖା

**ଦଶପଲ୍ଲା,୧୫।୧୨ (ଡି.ଏନ.ଏ.)**

ଓଡ଼ିଆ ସାହିତ୍ୟର ଶ୍ରେଷ୍ଠ ଔପନ୍ୟାସିକ ଫକୀର ମୋହନ ସେନାପତିଙ୍କ ବିଦ୍ୟାଳୟ ଅବହେଳିତ ଅବସ୍ଥାରେ ରହିଛି। ପ୍ରଶାସନିକ ଅଧିକାରୀଙ୍କ ଅଣଦେଖା ଯୋଗୁ ନିଜର ଅସ୍ତିତ୍ୱ ହରାଇବାକୁ ବସିଥିବା ଏହି ସର୍ବପୁରାତନ ବାମ ଉନ୍ନତ ଉଚ୍ଚ ବିଦ୍ୟାଳୟ। ଏଭଳି ଅଭିଯୋଗ ଆଣିଛନ୍ତି ଦଶପଲ୍ଲା ବ୍ଲକ ଚଢେୟାପଲ୍ଲୀ ପଞ୍ଚାୟତର ବାମ ଗ୍ରାମର ବାସିନ୍ଦା। ଇତିହାସ କହେ କିଛି ଶିକ୍ଷାପ୍ରେମୀ ଜନନାୟକଙ୍କ ଚେଷ୍ଟାରେ ୧୮୮୧ ମସିହାରେ ପ୍ରତିଷ୍ଠିତ ହୋଇଥିଲା 'ବାମ' ଚାଟଶାଳୀ। ପରାଧୀନ ଭାରତର ଦଶପଲ୍ଲା ଗଡଜାତ ରାଜ୍ୟରେ ଦେୱାନ ଭାବେ କାର୍ଯ୍ୟରତ ଫକୀର ମୋହନ ସେନାପତିଙ୍କ ଶିକ୍ଷାପ୍ରତି ଥିବା ଅହେତୁକ ଆଗ୍ରହ ଯୋଗୁ ସେ ରାଜ ବାହାଦୂରଙ୍କ ସମ୍ମତି ନେଇ ଉକ୍ତ ଚାଟଶାଳୀକୁ ୧୮୯୬ ମସିହାରେ ନିମ୍ନ ପ୍ରାଥମିକ ବିଦ୍ୟାଳୟରେ ପରିଣତ କରିଥିଲେ।

ସେନାପତିଙ୍କ ସାକ୍ଷର ବହନ କରୁଥିବା ଉକ୍ତ ବିଦ୍ୟାଳୟ ପରବର୍ତ୍ତୀ ପର୍ଯ୍ୟାୟରେ ୧୯୭୦ରେ ଉନ୍ନୀତ ଅପର ପ୍ରାଇମେରୀ, ୧୯୭୫ରେ ମଧ ଇଂରାଜୀ ଏବଂ ୨୦୦୮ରେ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ପରିଣତ ହୋଇଛି। ଯାହାର ବର୍ତ୍ତମାନ ଛାତ୍ରୀଛାତ୍ର ସଂଖ୍ୟା ୨୩୬ଜଣ। ତେବେ ଆର୍ଥିକ ଅନାଟନ ମଧ୍ୟରେ ବାମ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଗତି କରୁଛି। ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀ ଗୃହ, ବିଜ୍ଞାନଗାର, କମ୍ପ୍ୟୁଟର ଶିକ୍ଷା ଗୃହ ଆଦି ବିକାଶମୂଳକ କାର୍ଯ୍ୟ ହୋଇପାରିନାହିଁ। ଏଭଳି ସମୟରେ ସରକାର ବ୍ଲକର କେତେଗୋଟି ବିଦ୍ୟାଳୟକୁ ୫-ଟି ସହିତ ଯୋଡି ତାକୁ ସ୍ୱତନ୍ତ୍ର ଅନୁଦାନ ଦେବାକୁ ନେଇଛନ୍ତି। ହେଲେ ଏହି ସର୍ବ ପୁରାତନ ବିଦ୍ୟାଳୟକୁ ତାଲିକାରୁ ବାଦ୍ ଦିଆଯାଇଛି। ଏଣୁ ଛାତ୍ରୀଛାତ୍ର, ଅଭିଭାବକ ଓ ଅଞ୍ଚଳବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହି ସର୍ବ ପୁରାତନ ବିଦ୍ୟାଳୟ ସମ୍ପର୍କରେ ସରକାର ପୁଣି ବିଚାର କରିବାକୁ ସାଧାରଣରେ ଦାବି ହେଉଛି।

### ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆଲୋଚନାଚକ୍ର

**ଭଞ୍ଜନଗର,୧୫।୧୨(ଡି.ଏନ.ଏ)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ବୁଧବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସାମ୍ପ୍ରତିକ ଜୀବନଚର୍ଯ୍ୟା, ଦାନାପାଣି ଓ ଗୋପୀନାଥ ମହାନ୍ତିଙ୍କ ଉପରେ ଲିଖିତ ସନ୍ଦର୍ଭକୁ ଛାତ୍ର ଅଜିତ କୁମାର ପ୍ରଧାନ ପାଠ କରିଥିବା ବେଳେ ତାଙ୍କୁ ବିଭାଗୀୟ ଅଧ୍ୟାପିକା ରୋଜାଲିନ୍ ମହାରଣା ସହଯୋଗ କରିଥିଲେ । କଲେଜ ଅଧ୍ୟକ୍ଷ ଡ.ସୁବାସ ଚନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ବଟୁକେଶର ବାରିକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ପ୍ରାଧ୍ୟାପକ ଡ.ରବୀନ୍ଦ୍ର ନାଥ ପାଲ, ଡ.ପୀତବାସ ପାଲ, ଅଧ୍ୟାପକ ବିକ୍ରମ ପ୍ରଧାନ, ପ୍ରାଧ୍ୟାପିକା ଆରତୀ ପ୍ରଧାନ, ଅଧ୍ୟାପିକା ରାଜଲକ୍ଷ୍ମୀ ରଥ, ଦିପାଶ୍ରୀ ମହାପାତ୍ର, ସୁନିତା ଖଣ୍ଡୁଆଳ, ତୃପ୍ତିମୟୀ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ ।

### ଭୂତପୂର୍ବ ସୈନିକ କଲ୍ୟାଣ ସମିତିର ଶ୍ରଦ୍ଧାଞ୍ଜଳି, ଶୋଭାଯାତ୍ରା

**ଜି.ଉଦୟଗିରି,୧୫।୧୨(ଡି.ଏନ.ଏ)**

ଚଳିତ ମାସ ୮ ତାରିଖରେ ହୋଇଥିବା ବାୟୁ ସେନାର ହେଲିକପ୍ଟର ଦୁର୍ଘଟଣାରେ ସିଡିଏସ୍ ବିପିନ ରାୱତଙ୍କ ସହିତ ୧୩ ଜଣଙ୍କ ମୃତ୍ୟୁରେ ସାରା ଦେଶ ସ୍ତବ୍ଧ ହୋଇଯାଇଥିଲା। ରାଷ୍ଟ୍ରର ଏହି ଅପୂରଣୀୟ କ୍ଷତିରେ ଦେଶବ୍ୟାପୀ ଶୋକ ପାଳନ କରାଯାଉଥିବା ବେଳେ ଜି.ଉଦୟଗିରି ଭୂତପୂର୍ବ ସୈନିକ କଲ୍ୟାଣ ସମିତି ତରଫରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ଶୋଭାଯାତ୍ରା କରାଯାଇଛି। ସିଡିଏସ୍ ବିପିନ ରାୱତ ଅମର ରହେ ନାରା ଦେଇ ସହର ପରିକ୍ରମା କରିବାରେ ସାମିଲ ହୋଇଥିଲେ ଶତାଧିକ ପୂର୍ବତନ ସେନା କର୍ମଚାରୀମାନେ। ଶୋଭାଯାତ୍ରାରେ ପୂର୍ବତନ ସୈନିକ କିଶୋର ଚନ୍ଦ୍ର ନାୟକ, ଭୀମସେନ ପ୍ରଧାନ, ସୁରେନ୍ଦ୍ର ପ୍ରଧାନ, ପ୍ରତାପ ଚନ୍ଦ୍ର ପ୍ରଧାନ, ଜବାହରଲାଲ ପ୍ରଧାନ, ହେମନ୍ତ ନାୟକ, ଜେନା ନାୟକ, ସୁଦର୍ଶନ ନାୟକଙ୍କ ସହିତ ଏମ୍‌ପି ପ୍ରତିନିଧି ସାମନ୍ତ ଦିଗାଲ, ବିଧାୟକ ପ୍ରତିନିଧି ଯମେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

# ସୁନୁପୁର, ଦାରିଙ୍ଗବାଡ଼ି ଇକୋ-ରିଟ୍ରିଟ୍ ଆରମ୍ଭ

**ଚିକିଟି/ଦାରିଙ୍ଗବାଡି, ୧୫।୧୨(ଡି.ଏନ.ଏ.)**


ସୁନୁପୁର



ଦାରିଙ୍ଗବାଡି

ଗଞ୍ଜାମ ଜିଲା ଚିକିଟି ବ୍ଲକ ଅନ୍ତର୍ଗତ ସୁନୁପୁର ବେଳାଭୂମି ଓ କନ୍ଧମାଳ ଜିଲା ଦାରିଙ୍ଗବାଡିରେ ଇକୋ-ରିଟ୍ରିଟ୍ ଆରମ୍ଭ ହୋଇଛି। ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଏହାର ଶୁଭାରମ୍ଭ କରିଛନ୍ତି। ୩ ମାସ ଧରି ଚାଲିବାକୁ ଥିବା ଏହି ଇକୋ-ରିଟ୍ରିଟ୍ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହ ଅଞ୍ଚଳର ବିକାଶରେ ସହାୟକ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଇକୋ-ରିଟ୍ରିଟ ସମୟରେ କରୋନା ମାର୍ଗଦର୍ଶୀକା ଅନୁପାଳନ ସହିତ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ନିର୍ଦ୍ଧାରିତ ଏସ୍‌ଓପିକୁ ପାଳନ କରାଯିବ। ଏହାର ସମ୍ପୂର୍ଣ୍ଣ ଦାୟିତ୍ୱ ଜିଲା ପ୍ରଶାସନ ନେବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏହି ଅବସରରେ ଚିକିଟି ବିଧାୟିକା ଉଷା ଦେବୀ, ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ବ୍ରହ୍ମପୁର ଉପଜିଲାପାଳ, ପିଡି ଡିଆରଡିଏ ଦତ୍ତାତ୍ରୟ ଭାଉ ସାହେବ, ଚିକିଟି ତହସିଲଦାର ବିଶ୍ୱରଞ୍ଜନ କହଁର, ବିଡିଓ ଫାଲ୍‌ଗୁନି ମାଝିଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ । ସେହିପରି ଦାରିଙ୍ଗବାଡିରେ କନ୍ଧମାଳ ଜିଲା ପରିଷଦ ଅଧ୍ୟକ୍ଷା ଆକାଂକ୍ଷା ପ୍ରଧାନ, ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର ଅତିଥି ଭାବେ ଯୋଗଦେଇ ବିଧିବଧ ଭାବେ ଇକୋ- ରିଟ୍ରିଟ୍ ଉଦ୍‌ଘାଟନ କରିଥିଲେ । କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି., ଏସ୍‌ପି ବିନୀତ ଅଗ୍ରୱାଲ, ବାଲିଗୁଡ଼ା ଉପଜିଲାପାଳ ଶୁଭଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଦାରିଙ୍ଗବାଡ଼ି ବିଡିଓ ଗଦାଧର ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଦାରିଙ୍ଗବାଡ଼ି ଆଇଆଇସି କୌଶିକ ମାଝି ପୋଲିସ ଟିମ୍ ସହ ଉପସ୍ଥିତ ରହି ଆଇନଶୃଙ୍ଖଳା ପରିସ୍ଥିତି ଉପରେ ନଜର ରଖିଥିଲେ। ପ୍ରଥମ ଦିନ ପାରମ୍ପରିକ ଜନଜାତି ନୃତ୍ୟ ଏବଂ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

